


## ସଂକ୍ଷେପରେ

### ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତକାଟ

**ବାଲିଆପାଳ, ୧୨।୪(ଡି.ଏନ.ଏ.):** ବାଲିଆପାଳ ଅଞ୍ଚଳରେ ଗତ ୪ ଦିନ ଧରି ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟା ବେଳକୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଲୋକେ ପଦାକୁ ବାହାରି ପାରୁନାହାନ୍ତି। ବାଲିଆପାଳ ବଜାର, ବ୍ଲକଛକ, ପାରୁଳିଆ ଛକରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ ଚାଲୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ପ୍ରଶାସନ ତରଫରୁ ଛକ, ବଜାର ସ୍ଥାନରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବି ହେଉଛି।

### ୩ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୨।୪(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୪ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୭/୧୯, ୯/୧୯ ଓ ୧୦/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କାଣ୍ଡଗରଡ଼ି ଗାଁର ସିନ୍ଧୁ ଚରଣ ପରିଡ଼ା (୪୧), ଚଣ୍ଡିପୁର ଗାଁର ନାଗା ସିଂ (୪୦) ଓ ଗୁଜୁଡ଼ିହା ଗାଁର ମାଳତୀ ବେହେରା (୩୫)। ଅବକାରୀ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶରେ ନିରୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନୀରିକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

### ଧୂମଧାମ୍‌ରେ ଚାଲିଛି କୋଚିଆକୋଇଲି ବାସନ୍ତୀ ଦୁର୍ଗାପୂଜା



**ଖଇରା, ୧୨।୪(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୋଚିଆକୋଇଲିଠାରେ ବାସନ୍ତୀଦୁର୍ଗା ପୂଜା ଧୁମଧାମ୍‌ରେ ଆରମ୍ଭ ହୋଇଛି। ଶୁକ୍ରବାର ମା'ଙ୍କର ମହାଷ୍ଟମୀ ପୂଜା ଆଧାତ୍ମିକ ପରିବେଶ ମଧରେ ସମ୍ପନ୍ନ ହୋଇଛି। ସୁଦର୍ଶନ ବେହେରା, ପ୍ରଶାନ୍ତ ଚୌଧୁରୀ, ଅଭିରାମ ରାଉତ, ଗୌରାଙ୍ଗ ଚୌଧୁରୀ, ଦୈତାରୀ ସାହୁ ପ୍ରମୁଖଙ୍କ ଦ୍ୱାରା ସ୍ଥାନୀୟ ଢଙ୍କଣ ନଦୀରୁ କଳସ ଅଣାଯାଇଥିଲା। ଦ୍ୱାରିକାନାଥ ଶତପଥୀ, ବାବାଜୀ ପଣ୍ଡାଙ୍କ ଦ୍ୱାରା ମା'ଙ୍କର ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ ସହ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ତଥା ସରପଞ୍ଚ ମମତା ବେହେରା, ସମ୍ପାଦକ ସୁକାନ୍ତ ବାରିକ, ଗଦାଧର ବାରିକ, ମଧୁସୁଦନ ବାରିକ, ପ୍ରଫୁଲ୍ଲ ସାହୁଙ୍କ ସମେତ ପୂଜା କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପୂଜା ୩ ଦିନ ଧରି ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ନୃତ୍ୟ, ଗୀତ, ଭଜନ କୀର୍ତ୍ତନ ଏବଂ ପାଲା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ଥିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସର୍ଜରୀ ୱାର୍ଡରେ ଥଣ୍ଡା ପାନୀୟଜଳ କେନ୍ଦ୍ର ଅଚଳ

**ବାଲେଶ୍ୱର ଅଫିସ, ୧୨।୪**

ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟ ଭିତରେ ଥିବା ଅସ୍ଥିଶଲ୍ୟ ବିଭାଗ ୱାର୍ଡ଼ ନିକଟସ୍ଥ ବିଶୁଦ୍ଧ ଥଣ୍ଡା ପାନୀୟଜଳ କେନ୍ଦ୍ର ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଉକ୍ତ ୱାର୍ଡ଼ର ଶତାଧିକ ରୋଗୀ ଏବଂ

**ରୋଗୀ ହନ୍ତସନ୍ତ**

ସେମାନଙ୍କ ସମ୍ପର୍କୀୟ ଗରମ ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଦୂରରେ ଥିବା ପାନୀୟଜଳ କେନ୍ଦ୍ରରେ ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ଆଣୁଥିବା ଦେଖିବାକୁ ମିଳିଛି। ଏହାକୁ ମରାମତି ପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ଉକ୍ତ କେନ୍ଦ୍ର ବର୍ଷେ ହେଲା ଅଚଳ ହୋଇପଡିଛି।

ପ୍ରତିଦିନ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ୨ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଗ୍ରୀଷ୍ମ ଦିନ



ସର୍ଜରୀ ୱାର୍ଡ଼ ନିକଟସ୍ଥ ଅଚଳ ହୋଇପଡ଼ିଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ କେନ୍ଦ୍ର।

ଯୋଗୁ ଏବେ ଅସହ୍ୟ ଗରମ ହେଉଛି। ହସ୍‌ପିଟାଲ ଭିତରେ ଥିବା ଥଣ୍ଡା ପାନୀୟ ଜଳ କେନ୍ଦ୍ରରେ ଲୋକମାନେ ତଥା ରୋଗୀଙ୍କ ସମ୍ପର୍କୀୟ ଲମ୍ବା ଲାଇନ୍ ଲଗାଇ ପାନୀୟଜଳ ନେଉଥିବା ଦେଖିବାକୁ ମିଳୁଛି। ଜିଲା ମୁଖ୍ୟଚିକିତ୍ସାଳୟର ଆଉଟଡ଼ୋର ସମ୍ମୁଖରେ ଥିବା ଏଟିଏମ୍, ମେଡ଼ିଶିନ ୱାର୍ଡ଼, ସର୍ଜରୀ ୱାର୍ଡ଼, ଶିଶୁଭବନ ପାଖରେ ମୋଟ ୪ଟି ବିଶୁଦ୍ଧ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ୩ଟି ଚାଲୁଥିବା ବେଳେ ସର୍ଜରୀ ୱାର୍ଡ଼ସ୍ଥିତ ବିଶୁଦ୍ଧ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ଦୀର୍ଘ ବର୍ଷେରୁ ଉର୍ଦ୍ଧ୍ୱ ହେଲା ଅଚଳ ହୋଇପଡ଼ିଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏଗୁଡ଼ିକୁ ନିର୍ମାଣ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଏହାର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଥାଏ। ରୋଗୀ କଲ୍ୟାଣ ସମିତି ଅର୍ଥରୁ ଏହାର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ନିୟମ ଥିବାବେଳେ ଏହା ହୋଇପାରୁନାହିଁ। ସୂଚନାଯୋଗ୍ୟ ଯେ, ୨୦୧୪ ମେ' ୨୫ ତାରିଖରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲେଶ୍ୱର ପକ୍ଷରୁ ଉକ୍ତ ବିଶୁଦ୍ଧ ଥଣ୍ଡା ପାନୀୟଜଳ କେନ୍ଦ୍ର କରାଯାଇ ଚିଫ୍ ଜେନେରାଲ ମ୍ୟାନେଜର ଭୁବନେଶ୍ୱର ଶାଖାର କେ.ଏମ୍. ତ୍ରିବେଦୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା।

ଏ ସମ୍ପର୍କରେ ଜିଲା ମୁଖ୍ୟଚିକିତ୍ସାଳୟ ମ୍ୟାନେଜର ଦାୟିତ୍ୱରେ ଥିବା ଦେବସ୍ମିତା ଜେନା କହନ୍ତି, ଜିଲା ମୁଖ୍ୟଚିକିତ୍ସାଳୟ ଭିତରେ ଥିବା ସମସ୍ତ ପାନୀୟଜଳ କେନ୍ଦ୍ର ଠିକ୍‌ଠାକ୍ ରହିଛି। ଅସ୍ଥିଶଲ୍ୟ ବିଭାଗ ନିକଟରେ ଥିବା ପାନୀୟଜଳ କେନ୍ଦ୍ର ଖରାପ ହେବା ବିଷୟରେ ମୋତେ ଜଣାନାହିଁ। ଯଦି ସେମିତି କିଛି ହୋଇଥାଏ ତେବେ ଶୀଘ୍ର ମରାମତି କରାଯିବ।




ମାତୃତ୍ୱ ଦିବସରେ ମଞ୍ଚାସୀନ ଅତିଥିଗଣ

## ସଚେତନତା ଦ୍ୱାରା ନିରାପଦ ପ୍ରସବ ସମ୍ଭବ

**ରୂପ୍‌ସା, ୧୨।୪(ଡି.ଏନ.ଏ.)**

**ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ**

ମା' ସୁରକ୍ଷିତ ରହିଲେ ଶିଶୁ ବିପଦମୁକ୍ତ ହୋଇଥାଏ। ଏଥିପାଇଁ ଗର୍ଭାବସ୍ଥାର ଟୀକାକରଣଠାରୁ ପ୍ରସବ ହେବା ପର୍ଯ୍ୟନ୍ତ ସଚେତନ ରହିବା ଜରୁରୀ। ସରକାରଙ୍କ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା, ସୁଯୋଗକୁ ହାତଛଡ଼ା କରିବା ଉଚିତ୍ ନୁହେଁ। ଆଶାକର୍ମୀ, ଷ୍ଟାଫନର୍ସ ଓ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଡାକ୍ତରଖାନା ହିଁ ସୁରକ୍ଷିତ ପ୍ରସବରେ ସହାୟକ ହୋଇଥାଏ ଓ ଏହା କେବଳ ସଚେତନତା ଦ୍ୱାରା ହିଁ ସମ୍ଭବ ବୋଲି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଳିତ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ କର୍ମଚାରୀଙ୍କୁ ନେଇ ଗୁରୁବାର ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ମେଡ଼ିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ଆୟୁଷ ମେଡ଼ିକାଲ ଅଫିସର ଡା. ଅସୀତ କୁମାର ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁରକ୍ଷିତ ମାତୃତ୍ୱ ମାଧ୍ୟମରେ ପରିବାର ତଥା ରାଷ୍ଟ୍ରର ସୁରକ୍ଷା ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ବ୍ଲକ ଡାଟା ମ୍ୟାନେଜର ରବୀନ୍ଦ୍ର କୁମାର ପାଲ, ଆକାଉଣ୍ଟସ ମ୍ୟାନେଜର ହରିହର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ।

### ୧୭ରୁ ଜହତା ଚଉଦ ମାଦଳ ଉତ୍ସବ

**ରୂପ୍‌ସା, ୧୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ପ୍ରସିଦ୍ଧ ଜହତା ଚଉଦମାଦଳ ଉତ୍ସବ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ। ୪ଦିନ ବ୍ୟାପୀ କାଶୀନାଥେଶ୍ୱର ମହାଦେବ ପଡ଼ିଆରେ ୨୪ ପ୍ରହର ଚଉଦମାଦଳ ନାମଯଜ୍ଞ ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ମେଳା ସହ ପ୍ରବଚନ ସଭା ଆୟୋଜିତ ହେବ। ଚଉଦମାଦଳ କମିଟିର ସଭାପତି ଦିଗାମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଉତ୍ସବର ସୁପରିଚାଳନା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି କର୍ମକର୍ତ୍ତା ଶଙ୍କର ପାଳ, କୈଳାସ ନାୟକ, ଅକ୍ଷୟ ପଲେଇ, ପୂର୍ଣ୍ଣଚନ୍ଦ୍ର କୋଇ, ନାରାୟଣ ନାୟକ, ଆଇନଜୀବୀ ଧିରେନ୍ଦ୍ର ଦାସ ପ୍ରମୁଖ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ହରିପ୍ରେମୀ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଟି ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି।



ମଣ୍ଡପରେ ମା'ଙ୍କ ମହାଷ୍ଟମୀ ପୂଜା ଚାଲିଛି।

## ଓଡ଼ିଆ ଶାସନରେ ବାସନ୍ତୀ ଦୁର୍ଗାପୂଜା

**ରୂପ୍‌ସା,୧୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଆଶାସନ ପୂଜାମଣ୍ଡପରେ ଶୁକ୍ରବାର ମା' ବାସନ୍ତୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା ପାଳିତ ହୋଇଯାଇଛି। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ଶ୍ରୀକାନ୍ତ ନନ୍ଦ, ପ୍ରତାପ ଚନ୍ଦ ଦିକ୍ଷୀତ ଓ ମୃତ୍ୟୁଞ୍ଜୟ ଦିକ୍ଷୀତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନିଷ୍ଠାର ସହ ଦେବୀଙ୍କଠାରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ୭ଶହରୁ ଉର୍ଦ୍ଧ୍ୱ ବ୍ରତଧାରୀ ମହିଳା, ପୁରୁଷ ଦେବୀଙ୍କଠାରେ ଭୋଗ ନୈବେଦ୍ୟ ଅର୍ପଣ କରି ଆଶିଷ ଲଭିଥିଲେ। ଗୁରୁବାର ସପ୍ତମୀ ପୂଜାରେ ଗ୍ରାମବାସୀ ବିଶାଳ ଶୋଭାଯାତ୍ରାରେ ଘଟତ୍ତୋଳନ କରିଥିଲେ। ଅଧିବାସ ପୂର୍ବକ ମଣ୍ଡପରେ ଘଟରୋପଣ ହୋଇଥିଲା। ହୋମଯଜ୍ଞ, ଚଣ୍ଡୀପାଠ ପୂର୍ବକ ସପ୍ତଶ୍ଳୋକ ଆହୂତି ଆବୃତ୍ତି କରାଯାଇଥିଲା। ଶନିବାର ନବମୀ ପୂଜା ସମ୍ପନ୍ନ ହେବା ପରେ ମାର୍ଜଣାପୂର୍ବକ ରବିବାର ଦଶହରାରେ ଦେବୀଙ୍କୁ ବିସର୍ଜନ ଦିଆଯିବ। ଶହେବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ପାଳିତ ଉତ୍ତରଓଡ଼ିଶାର ଏହି ପ୍ରସିଦ୍ଧ ପୂଜୋତ୍ସବରେ ଭଜନକୀର୍ତ୍ତନ, ନୃତ୍ୟଗୀତ ସାଙ୍ଗକୁ ଓଁକାର ଗଣନାଟ୍ୟ ତରଫରୁ ସାମାଜିକ ଯାତ୍ରା ପରିବେଷଣ କରାଯାଇଥିଲା। ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦିକ୍ଷୀତ, କର୍ମକର୍ତ୍ତା ମାନସ ମିଶ୍ର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ, ତପନ କୁମାର ଦିକ୍ଷୀତ, ମନୋରଞ୍ଜନ ପାଣିଗ୍ରାହୀ ଓ ବାଦୁରାମ ସିଂ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଆରୁହା ଗ୍ରାମରେ ଇଶାଣେଶ୍ୱର ମହାଦେବ।

## ଇଶାଣେଶ୍ୱର ମହାଦେବଙ୍କ ଚଡ଼କପର୍ବ ଆରମ୍ଭ

**ଜଳେଶ୍ୱର, ୧୨।୪(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ଆରୁହା ଗ୍ରାମରେ ବିଜେ ଶ୍ରୀ ଇଷାଣେଶ୍ୱର ମହାଦେବଙ୍କ ଚଡ଼କପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସକାଳ ୧୦ଟାରେ ମହାଦେବଙ୍କ କୁଣ୍ଡ ପୋଖରୀରେ ପାଟଭକ୍ତା ହୃଷିକେଶ ଭୂୟାଁ ଓ ଦୋଳପଡ଼ିଶା ଭକ୍ତା ଯଦୁନନ୍ଦନ ଦତ୍ତ ବୁଡ଼ ମାରିବା ପରେ ମନ୍ଦିର ପୂଜକ ସତ୍ୟବ୍ରତ ପତି ମନ୍ତ୍ର ଉଚ୍ଚାରଣ କରି ଉପବୀତ ପିନ୍ଧାଇଥିଲେ। ୪୫ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୧୩ ଜଣ ଭକ୍ତା ଉପବୀତ ଧାରଣ ପରେ ମହାଦେବ ଓ ଅସୁରୁଣୀ କାମିନାଙ୍କ ବିବାହ ସମ୍ପନ୍ନ ହୋଇଥାଏ। ଦୀର୍ଘ ୧୭ବର୍ଷ ପୂର୍ବେ ଅର୍ଥାତ୍ ୨୦୦୨ ମସିହାରେ ଏଠାରେ ଚଡ଼କପର୍ବ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ମୁଖ୍ୟ ନୃସିଂହ ପତି, ମନୋଜ ଭୂୟାଁ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିବେ।

## ଛାତ୍ର ଅଭିଭାବକ ବୈଠକ

**ବାଲେଶ୍ୱର ଅଫିସ, ୧୨।୪**

ବାଲେଶ୍ୱର ଜିଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଟାଉନ ହାଇସ୍କୁଲରେ ନୂତନ ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ର ଅଭିଭାବକଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରି ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ସହିତ ଏହାର ପରମ୍ପରାକୁ ବଜାୟ ରଖିବା ଦିଗରେ ଉଦ୍ୟମ କରାଯିବ ବୋଲି କହିଥିଲେ।

ଶିକ୍ଷକ ଅକ୍ଷୟ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏସଏମ୍‌ସି ସଭାପତି ପ୍ରଦୀପ କୁମାର ପ୍ରଧାନ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦାମୋଦର ପଣ୍ଡା ଏସ୍‌ଏମ୍‌ସିର ନୂତନ ୪ଜଣ ସଭ୍ୟାସଭ୍ୟ ଚୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଛାତ୍ର ଅଭିଭାବକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ଶୋଭନା ମିଶ୍ର, ନମିତା ମହାପାତ୍ର, ରଶ୍ମିରେଖା ବେରା, ଜୟନ୍ତୀ ଚାଷୀ, ସବିତା ପରିଡ଼ା ଓ ସୁମତୀ ରାଉତ। ଅନ୍ୟୁନ ୪ଶହ ଛାତ୍ର ଓ ଅଭିଭାବକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉଳ, ଶିଖାରାଣୀ ପାତ୍ର, ସସ୍ମିତା ଗିରି, ରାମକୃଷ୍ଣ ପଣ୍ଡା, ଗୋପାଳ ପାଲ, ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ, ଶଶଧର ନାୟକ, କାର୍ତ୍ତିକ ଜେନା ପ୍ରମୁଖ ଅଂଶଗ୍ରହଣ କରି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅଭିଭାବକମାନେ।

### ୬୯ ବର୍ଷରେ ମଧୁ ବାସନ୍ତିକ ଦୁର୍ଗୋତ୍ସବ

**ଜଳେଶ୍ୱର, ୧୨।୪(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଅଧୀନ ଆରୁହା, ଶାଳିକୋଠା, ମହିଁଷାମୁଣ୍ଡା, ନିମପୁର ଓ ଚକ୍‌ଅର୍ଜ୍ଜୁନୀ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ୬୯ ବର୍ଷ ହେବ ପୂଜା ପାଇ ଆସୁଛନ୍ତି ମା' ବାସନ୍ତୀ। ଆରୁହା ଗ୍ରାମର ବହୁ ଲୋକ କଲିକତା ମୁକାମରେ ରହି ସରକାରୀ ଓ ବେସରକାରୀ ଚାକିରି କରୁଥିଲେ। ସେତେବେଳେ ସେମାନେ କଲିକତାରେ ପ୍ରଥମେ ମାତାଙ୍କ ପୂଜା ଆରମ୍ଭ କରିଥିଲେ। ତାହାର ୨ବର୍ଷ ପରେ ଆରୁହା ଓ ଶାଳିକୋଠା ଗ୍ରାମର ବହୁ ଲୋକ ସୀମାଠାରେ ମା'ଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି। ପୂଜା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତବର୍ଷ କାଳବୈଶାଖୀର ପ୍ରକୋପ ଯୋଗୁ ଏହି ପୂଜା ଫିକା ପଡ଼ିଯାଇଛି। ମଣ୍ଡପ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଦୋକାନ ବସୁଥିବା ବେଳେ ଚଳିତବର୍ଷ ଶୂନଶାନ ହୋଇପଡିଛି। ମେଳାର ସମ୍ପୂର୍ଣ୍ଣ ଦାୟିତ୍ୱ ଅବସରପ୍ରାପ୍ତ ସାମରିକ ଅଧିକାରୀ ତାରାପଦ ମହାନ୍ତି, ମନ୍ମଥ ଦାସ, ରାଜେନ୍ଦ୍ର ଦାସ, ବାଉରୀବନ୍ଧୁ ସିଟ୍ ପ୍ରମୁଖ ବୁଝାଶୁଝା କରୁଛନ୍ତି।



ସୋରରେ ରାମନବମୀ ଉପଲକ୍ଷେ ରାମସେନା ପକ୍ଷରୁ ଶୁକ୍ରବାର ବାହାରିଥିବା ମହିଳାଙ୍କ ମୋଟରସାଇକେଲ ଶୋଭାଯାତ୍ରା।

## ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ପ୍ରମାଣପତ୍ର

**ଖଇରା, ୧୨।୪(ଡି.ଏନ.ଏ.)**

ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ତାରିଖରୁ ଜନ୍ମମୃତ୍ୟୁ ପ୍ରମାଣପତ୍ର ମିଳୁ ନ ଥିବାରୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଡା. ଦେବାଶିଷ ପଟ୍ଟନାୟକ ପ୍ରମୋଶନ ପାଇ ଏଠାରୁ ଅନ୍ୟତ୍ର ବଦଳି ହୋଇଗଲା ପରଠାରୁ ଇନଚାର୍ଜ ପଦବୀ ଖାଲିପଡିଥିଲା। ଏଠାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଡା. ମୃତ୍ୟୁଞ୍ଜୟ ବିଶ୍ୱାଳଙ୍କୁ ସରକାର ଖଇରା ମେଡିକାଲ ଇନଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଥିଲା। ହେଲେ ଡା. ବିଶ୍ୱାଳ ପ୍ରାୟ ୩ ମାସ ଦାୟିତ୍ୱ ସମ୍ପାଦନ କଲା ପରେ ଚଳିତମାସ ୧ ତାରିଖଠାରୁ ଇନଚାର୍ଜ ଦାୟିତ୍ୱରେ ନ ରହିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସମ୍ପୃକ୍ତ ବିଭାଗୀୟ କିରାଣି ଜନ୍ମମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରିଥିଲେ ମଧ୍ୟ ଡା. ବିଶ୍ୱାଳ ସ୍ୱାକ୍ଷର କରୁ ନ ଥିବାରୁ ଶହ ଶହ ଆବେଦନକାରୀ ପ୍ରମାଣପତ୍ର ନ ପାଇ ମେଡିକାଲକୁ ଦୌଡି ନିରାଶ ହୋଇ ଫେରୁଛନ୍ତି। ଆଳଦା ମନୋରଞ୍ଜନ ଦାସଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ତାଙ୍କ ଦାଦା ପଦ୍ମଲୋଚନ ଦାସ ୧୫ ଦିନ ତଳେ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି। ମେଡିକାଲର ସମ୍ପୃକ୍ତ କିରାଣିଙ୍କୁ ବିଳମ୍ବର କାରଣ ପଚାରିବାରୁ ବର୍ତ୍ତମାନ କେହି ଇନଚାର୍ଜ ନ ଥିବାରୁ ପ୍ରମାଣପତ୍ର ଦିଆଯାଇ ପାରୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ପାଢୀଙ୍କୁ ଯୋଗାଯୋଗ କରାଯିବାରୁ ଏଥପାଇଁ ଜଣେ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱାଳଙ୍କୁ ପଚାରିବାରେ ସେ ୧ତାରିଖରୁ ଦାୟିତ୍ୱ ଛାଡି ସାରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ଡାକ୍ତର ଅଛନ୍ତି। ତାଙ୍କୁ ଦାୟିତ୍ୱ ଦିଆଯାଉ ବୋଲି କହିଛନ୍ତି।




## ସଂକ୍ଷେପରେ

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ ଓ ନେତା

**ଚାନ୍ଦବାଲି,୧୨।୪(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଉପାନ୍ତ ଅଞ୍ଚଳ ଚଡଦିଆ ପଞ୍ଚାୟତର କେତେକ ଅନ୍ୟଦଳର କର୍ମୀ ଓ ନେତା ଶୁକ୍ରବାର ବିଜେଡିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବ୍ଲକ ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜିତ ହୋଇଛି । ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳ ମଧ୍ୟକୁ ସ୍ୱାଗତ କରାଯାଇଛି । ବ୍ୟୋମକେଶ ରାୟ, ଭଦ୍ରକ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ନରେଶ ମାଝୀ, ସତ୍ୟବୀର ପ୍ରତାପ ରାୟ, ସରପଞ୍ଚ ଦିବାକର ମାଇତି, ପ୍ରଶାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡିର ପ୍ରଚାର ଜୋରଦାର

**ଚାନ୍ଦବାଲି,୧୨।୪(ଡି.ଏନ.ଏ.):** ବିଜେଡି ପକ୍ଷରୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ପ୍ରଚାର ଯୋର ଧରିଛି । ଗୁରୁବାର ଭାଟପଡା ଓ ମହୁଲିଆ ପଞ୍ଚାୟତରେ ଭୋଟ ପ୍ରଚାର ପରେ ଶୁକ୍ରବାର ନଳଗୋହିରା ପଞ୍ଚାୟତର ଦଳୀୟ ପ୍ରଚାର ଆରମ୍ଭ ହୋଇଛି । ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ଗହଣରେ ଗାଁକୁ ଗାଁ ବୁଲି ଭୋଟରଙ୍କୁ ଭେଟିବା ସହିତ ବିଜେଡିକୁ ଭୋଟ ଦେବାକୁ ପ୍ରଚାର କରୁଛନ୍ତି। ଦଳୀୟ ସମର୍ଥକଙ୍କ ବାଇକ୍ ରାଲି ଓ ସମାବେଶ ମଧ ଅନୁଷ୍ଠିତ ହେଉଛି ।

### ହରପାର୍ବତୀଙ୍କ ବାର୍ଷିକ ଜନ୍ମ ଉତ୍ସବ

**ଭଣ୍ଡାରିପୋଖରୀ, ୧୨।୪(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରେ ଥିବା ହରପାର୍ବତୀଙ୍କ ଜନ୍ମ ଉତ୍ସବ ଓ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଦିବସ ଗୁରୁବାର ଠାରୁ ଆରମ୍ଭ ହୋଇଛି। କର୍ତ୍ତାକର୍ତ୍ତା ଭାବେ ଶକୁନ୍ତଳା ଜେନା, ଶରତ ଜେନା ସଂକଳ୍ପ କରିଥିଲେ। ପୂଜକ ସୁଧାଂଶୁ ଚରଣ ଦାସ, ପ୍ରହ୍ଲାଦ ପଣ୍ଡା ପୂଜା କାର୍ଯ୍ୟ ସମାପନ କରୁଛନ୍ତି। ଗୁରୁବାର ପ୍ରାତଃରେ ଦେବସ୍ନାନ, ବାଲ୍ୟଭୋଗ, ଆରତୀ ଅଧିବାସ, ଷୋଡଶ ଉପଚାର ପୂଜା, ଯଜ୍ଞ, ସନ୍ଧ୍ୟାଆଳତୀ ସହିତ ଠାକୁରଙ୍କ ଜନ୍ମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିବପ୍ରସାଦ ଦାସ, ସୌମ୍ୟରଞ୍ଜନ ଜେନା, ସୁବ୍ରତ ବେହେରା, ବସନ୍ତ ବେହେରା, ଚନ୍ଦ୍ରକାନ୍ତ ଜେନା, ସତ୍ୟବ୍ରତ ପୃଷ୍ଟି, ମାନସ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ଠାରୁ ଆରମ୍ଭ ହୋଇଥିବା ହରପାର୍ବତୀଙ୍କ ପୂଜା କାର୍ଯ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ବାର୍ଷିକ ପୂଜା ଉତ୍ସବ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବାର ରହିଛି।

■ ଆଜି ଶ୍ରୀରାମ ନବମୀ

# ନୂଆରୂପ ନେଉଛି ମହୋତ୍ସବ

**ଭଦ୍ରକ ଅଫିସ, ୧୨।୪**

ଭଦ୍ରକ ସହରରେ ଶ୍ରୀରାମ ନବମୀ ଏକ ଗଣପର୍ବ ଭାବେ ପରିଚିତ । ସାରା ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତମାନେ ଆସି ଏହି ପର୍ବରେ ସାମିଲ ହେଇଥାନ୍ତି। ଶନିବାର ଶ୍ରୀରାମ ନବମୀ ଉପଲକ୍ଷେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଶୁକ୍ରବାର ହନୁମାନ ଚାଳିଶା, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶନିବାର ପାଇଁ ବିଭିନ୍ନ ସେବାକାରୀ ଦଳ ପ୍ରସ୍ତୁତ ହୋଇସାରିଲାଣି। ଏହି ପର୍ବ ଉପଲକ୍ଷେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ଶ୍ରୀରାମ ମହାଯଜ୍ଞ ସମିତି ଗଠନ କରାଯାଇ ଏହି ଗଣପର୍ବ ଇତିମଧ୍ୟରେ ୨୯ ବର୍ଷ ଅତିକ୍ରାନ୍ତ କରିସାରିଲାଣି। ୧୯୯୧ ରୁ ଆରମ୍ଭ ହୋଇଥିବା ଶ୍ରୀରାମ ନବମୀ ୧୯୯୨ ଓ ୧୯୯୩ କୁ ବାଦ୍ ଦେଲେ

### ଚୂଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

ସହରରେ ଭବ୍ୟ ମହୋତ୍ସବ ଭାବେ ପାଳିତ ହୋଇଆସୁଛି। ପୂର୍ବରୁ ଜିଲାର କୋଣ ଅନୁକୋଣରୁ ପ୍ରତି ଘରୁ ମୁଠି ଚାଉଳ ଓ ଆର୍ଥିକ ସହାୟତା ସଂଗ୍ରହ କରାଯାଇ ଏହି ପର୍ବ ପାଳନ ଆରମ୍ଭ ହୋଇଥିଲା। ଜିଲାବାସୀଙ୍କ ଆକୁଣ୍ଠ ସହାୟତା ଓ ସହଯୋଗ କ୍ରମେ ପ୍ରତିବର୍ଷ ଏହି ମହୋତ୍ସବ ନୂଆରୂପ ନେଉଛି। ୨୦୧୬ରେ ଶ୍ରୀରାମ ନବମୀ ମହୋତ୍ସବର ରୌପ୍ୟ ଜୟନ୍ତୀ ପାଳିତ ହୋଇଛି। ଏଥର ମଧ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ମହୋତ୍ସବ ପାଳନ କରାଯାଉଛି। ସବୁ ସମ୍ପ୍ରଦାୟର ଲୋକେ ଏଥିରେ ସାମିଲ ହେବା ମହୋତ୍ସବରେ ନିଆରା ଆକର୍ଷଣ ପାଲଟିଛି।

### ନଗର ସଂକୀର୍ତ୍ତନ ରୁଟ୍ ଚାର୍ଟ

ରାମନବମୀ ପାଇଁ ନେହେରୁ ଷ୍ଟାଡିୟମରୁ ନଗର ସଂକୀର୍ତ୍ତନ ୩ଟା୪୫ରେ ବାହାରି ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରି ଛକ, ଜିଲା ସ୍କୁଲ ଛକ, ଟାଉନହଲ୍ ଛକ, ଥାନା ଛକ, ରାଜଘାଟ ଗୋଶାଳ ଛକ, ଫେକର ଅଫିସ୍ ଛକ, କଦମ୍ବେଡା ଛକ, ଚନ୍ଦନବଜାର ଛକ, ପୁରୁଣାବଜାର, ପାନବରଜ ଛକ, କଚେରିଛକ ରାତି ୧୦ଟା ସୁଦ୍ଧା ଗାନ୍ଧୀପଡିଆରେ ସମସ୍ତ ମେଢ ପହଞ୍ଚିବ ବୋଲି ନିଷ୍ପତ୍ତି ନିଆଯାଇଛି।



ହନୁମାନ ଚାଳିଶା ପାଠ କରାଯାଉଛି।

### ପୋଲିସର ଫ୍ଲାଗମାର୍ଚ୍ଚ

ରାମ ମହୋତ୍ସବ ପାଳନକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହରର ୩ ଥାନାଧିକାରୀଙ୍କ ନେତୃତ୍ୱରେ ମୋଟ ୫୦ ପ୍ଲାଟୁନ ପୋଲିସ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବେ। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଅସ୍ଥାୟୀ ଭାବେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯାଇଛି। ଗାନ୍ଧୀପଡିଆ ପୂଜା ସ୍ଥଳରେ ଶୁକ୍ରବାର ସନ୍ଧ୍ୟାରେ ଏସ୍‌ପି ପଣ୍ଡିତ ପହଞ୍ଚି ଆୟୋଜକଙ୍କ ସହ ଆଲୋଚନା କରିଛନ୍ତି। ଶନିବାର ଅପରାହ୍ନ ୩ଟା ୪୫ ରୁ ଶୋଭାଯାତ୍ରା ବାହାରି ରାତି ଠିକ୍ ୧୦ଟା ସୁଦ୍ଧା ନେହେରୁ ଷ୍ଟାଡିୟମରେ ଯେଭଳି ସମସ୍ତ ମେଢ ପହଞ୍ଚିବ ସେନେଇ ଏସ୍‌ପି ଆଲୋଚନା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ନେହେରୁ ଷ୍ଟାଡିୟମ୍‌ରୁ ଫ୍ଲାଗମାର୍ଚ୍ଚ ପାଇଁ ପ୍ରାୟ ୩୦ ପ୍ଲାଟୁନ ପୋଲିସ ପକ୍ଷରୁ ସହର ସାରା ଫ୍ଲାଗମାର୍ଚ୍ଚ କରାଯାଇଥିଲା। ନଗର ଶୋଭାଯାତ୍ରା ଯେଭଳି ଶୃଙ୍ଖଳାର ସହ ସରିବ ସେନେଇ ଆୟୋଜକଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ।



# କଂଗ୍ରେସର ନିର୍ବାଚନୀ ପ୍ରଚାର, ମିଶ୍ରଣ ପର୍ବ

**ବନ୍ତ,୧୨।୪(ଡି.ଏନ୍.ଏ.)**

ଗୁରବାର ସନ୍ଧ୍ୟାରେ ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବନ୍ତଲା ଶିବ ମନ୍ଦିର ଠାରେ କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରଚାର ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ରାଜ କିଶୋର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ ଶିକ୍ଷାବିତ୍ ଡଃ.ବଦ୍ରିନାଥ ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ଉଦୟ ନାରାୟଣ ନନ୍ଦ, ପ୍ରେମାନନ୍ଦ ନାୟକ, ଯୁବ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ପଞ୍ଚାୟତ ସଭାପତି କିଶୋର କୁମାର ରାଉତ ପ୍ରମୁଖ ଯୋଗ ଦେଇ ଭଦ୍ରକ ଲୋକସଭା ପ୍ରାର୍ଥୀ ମଧୁମିତା ସେଠୀ ଓ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କୁ ବିପୁଳ ଭୋଟରେ ବିଜୟ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ଜେନା, ପୂର୍ବତନ ସମିତି ସଭ୍ୟ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ସମାଜସେବୀ ରାମେଶ୍ୱର ଭାରତୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ ।

# ସୁଦର୍ଶନପୁର ପଞ୍ଚାୟତରୁ ବିଜେଡିର କର୍ମୀ ସମ୍ମିଳନୀ ଆରମ୍ଭ

**ବାସୁଦେବପୁର, ୧୨।୪(ଡି.ଏନ.ଏ.)**

ବାସୁଦେବପୁରର ସୁଦର୍ଶନପୁର ପଞ୍ଚାୟତର ମରିଚେଇପଦା ଠାରେ ଶୁକ୍ରବାର ପୂର୍ବାହ୍ନରେ ବିଜେଡି ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କର୍ମୀ ସମ୍ମିଳନୀରେ ବିଜେଡି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବିଷ୍ଣୁବ୍ରତ ରାଉତରାୟ ଓ ଦଳ ପକ୍ଷରୁ ଭଦ୍ରକ ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ହୋଇଥିବା ମଞ୍ଜୁଲତା ମଣ୍ଡଳଙ୍କ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଭୋଟ ଭିକ୍ଷା କରିବା ସହିତ ନିର୍ବାଚନ ପ୍ରଚାର କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ସେ ଦୀର୍ଘ ୨୯ ବର୍ଷ ଧରି ବିଧାୟକ ଭାବରେ ନିର୍ବାଚିତ ହୋଇଆସୁଥିବା ବେଳେ କେବେହେଲେ ହିଂସାତ୍ମକ କାର୍ଯ୍ୟକୁ ପ୍ରଶୟ ଦେଇନାହାନ୍ତି ବୋଲି ବିଜୟଶ୍ରୀ ମତ ରଖିବା ସହିତ କେବଳ ବିକାଶ ଉପରେ ସେ ମନୋନିବେଶ କରିଛନ୍ତି ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଅଧିକରୁ ଅଧିକ ଭୋଟ ଦେଇ ନିର୍ବାଚିତ କରିବାକୁ ସେ କର୍ମୀ ଓ ଭୋଟରଙ୍କୁ ଆହ୍ୱାନ ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ରାଜ୍ୟ ଓ ବାସୁଦେବପୁରରେ ଚାଲିଥିବା ବିକାଶର ଧାରାକୁ ସେ ଆଗାମୀ ଦିନରେ ଚାଲୁ ରଖିବା ସହିତ ଲୋକଙ୍କ ସୁଖଦୁଃଖରେ ସାଥି ହୋଇରହିବେ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ, ପ୍ରତାପ ପଲାଇ, ଶଙ୍କର୍ଷଣ ନାୟକ, ସୁରେନ୍ଦ୍ର ସାହୁ, ଖଗେନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଗରପଡ଼ାରେ ନଗର ଶୋଭାଯାତ୍ରା

**ବନ୍ତ,୧୨।୪(ସ୍ୱ.ପ୍ର.)**

ଆଗରପଡା ଠାରେ ଚଳିତ ବର୍ଷ ପ୍ରଥମ ଥର ଶ୍ରୀରାମ ନବମୀ ପାଇଁ ମହାଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ନଗର ପରିକ୍ରମାକୁ ନେଇ ବହୁ ଆନନ୍ଦ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଅପରାହ୍ନ ୫ଟାରେ ମେଳନ ପଡିଆ ନିକଟସ୍ଥ ହନୁମାନ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲା ପ୍ରଶିକ୍ଷଣ ଛକ, ଲକ୍ଷ୍ମୀ ବଜାର, ଗଡ ସାହି ଛକ, କଲେଜ ଛକ, ବେଲେଶ୍ୱରପୁର, କୁଆଁଶମଢିଆ, କାଣ୍ଡବା ଦେଇ ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଶ୍ରୀରାମ ଓ ହନୁମାନଙ୍କ ସୁସଜ୍ଜିତ ମେଢ ସମେତ ଢୋଲ, ମୃଦଙ୍ଗ, ଭଜନ ସାଙ୍ଗକୁ ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଗୁରୁବାର ଅପରାହ୍ନରେ ଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା କରାଯାଇଥିଲା ବେଳେ ଶନିବାର ପୂର୍ଣ୍ଣାହୁତି ଦିଆଯିବ।

# ୫ ପରିବାରର ୮ ବଖରା ଜଳିଗଲା

**ତିହିଡ଼ି, ୧୨।୪(ଡି.ଏନ୍.ଏ.)**–ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମାଟିଆସାହି ଗ୍ରାମର ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ ୫ ପରିବାରର ୮ବଖରା ଘର ଜଳି ଯାଇଛି। ଗ୍ରାମର ବାବୁଲା ପ୍ରଧାନ, ଅଲେଖ ସାହୁ, ସନ୍ତୋଷ ସାହୁ, ବସନ୍ତ ସାହୁ ଓ ବାପୁନ ସାହୁଙ୍କର ଘର ଜଳି ଯାଇଛି । ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ି ନାହିଁ। ତିହିଡ଼ିରୁ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ସ୍କୁଲ ସଂଯୋଜକ ସଂଘର ଦାବିପତ୍ର

**ଭଦ୍ରକ ଅଫିସ, ୧୨।୪**

ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କମ୍ପ୍ୟୁଟର ସଂଯୋଜକ ମାନଙ୍କ ପକ୍ଷରୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ସେମାନେ ନିଯୁକ୍ତି ପାଇଥିବା ଆଉଟ୍ ସୋର୍ସିଂ ସଂସ୍ଥାର ଚୁକ୍ତି ଅନୁଯାୟୀ ୫ ବର୍ଷ କାର୍ଯ୍ୟ କରି ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସେମାନଙ୍କ କାର୍ଯ୍ୟକାଳ ସରିଛି। ହେଲେ ଦୀର୍ଘ ୫ ବର୍ଷ କାର୍ଯ୍ୟ କରି ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉଥିବାରୁ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଉଛି। ଏହି ବିରୋଧକୁ ଓଷ୍ଟା ରାଜ୍ୟ ସଂଘର ସମ୍ପାଦକ ଅକ୍ଷୟ ହୋତା ଓ ଅନ୍ୟ କର୍ମକର୍ତ୍ତା ମାନେ ମଧ ସମର୍ଥନ କରିଛନ୍ତି। ଏମାନଙ୍କୁ ପୁନଃ ନିଯୁକ୍ତି ସହ ନିୟମିତ କରିବା ପାଇଁ ସଂଘର କର୍ମକର୍ତ୍ତା ମାନେ ଏହି ଲିଖିତ ଅଭିଯୋଗରେ ଦାବି କରିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ କମ୍ପ୍ୟୁଟର ଶିକ୍ଷା ଏକ ଅତ୍ୟାବଶ୍ୟକ ଶିକ୍ଷା ହୋଇଥିବା ବେଳେ ହାଇସ୍କୁଲ ଓ ନୋଡାଲ ସ୍ତରୀୟ ପାଠ୍ୟକ୍ରମରେ କମ୍ପ୍ୟୁଟର ଶିକ୍ଷା ଏକ ଅବିଚ୍ଛେଦ୍ୟ ପାଠ୍ୟକ୍ରମ ହୋଇଥିବା ବେଳେ ଏମାନଙ୍କୁ ଛଟେଇ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଓଷ୍ଟା ସଂଘ ଦାବି କରିଛି। ଏହି ମର୍ମରେ ଜିଲାରେ ୧୭୧ ସ୍କୁଲ କାର୍ଯ୍ୟରତ ସ୍କୁଲ ସଂଯୋଜକ ମାନେ ଜିଲାପାଳଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଏହି ଶିକ୍ଷା ବ୍ୟବସ୍ଥାକୁ ଘରୋଇକରଣ ନ କରି ନିଜସ୍ୱ ଅଧୀନରେ ପରିଚାଳିତ କରିବା ପାଇଁ ସଂଘ ଦାବି କରିଛି। ଯଦି ସେମାନଙ୍କ ଦାବି ପ୍ରତି ସରକାର ଦୃଷ୍ଟି ନ ଦିଅନ୍ତି ତେବେ ଜିଲାରେ ଏହି ଶିକ୍ଷକ ମାନେ ଭୋଟ କାର୍ଯ୍ୟରେ ଅସହଯୋଗ କରିବା ସହ ନିଜ ନିର୍ବାଚନ ମଣ୍ଡଳୀରେ ପଥପ୍ରାନ୍ତ ସଭା କରି ଲୋକଙ୍କୁ ସରକାରୀ ବିରୋଧୀ ବିଭିନ୍ନ ମନ୍ତବ୍ୟ ପ୍ରଦାନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ସନ୍ତୋଷ ମହାପାତ୍ର, ଶ୍ରୀବତ୍ସ, ଖଡିରନ୍, ଶ୍ରୀକାନ୍ତ ପଣ୍ଡା, ଦୀପକ ଆଚାର୍ଯ୍ୟ, ସୁରେଖା ସାମଲ, ଧରାଶ୍ରୀ ପ୍ରଧାନ, ରୁନୁବାଳା ନନ୍ଦ, ପାର୍ଥସାରଥୀ ଦାସ, ତପନ ନାୟକ ସମେତ ଶତାଧିକ ସ୍କୁଲ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍କୁଲ ସଂଯୋଜକ ସଂଘ।

# ବିଭିନ୍ନ ସ୍ଥାନରେ ବାସନ୍ତୀ ଦୁର୍ଗାପୂଜା

**ଭଣ୍ଡାରିପୋଖରୀ, ୧୨।୪(ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବାସନ୍ତୀ ଦୁର୍ଗାପୂଜା ଧୁମ୍‌ଧାମରେ ପାଳିତ ହେଉଛି। ଭଣ୍ଡାରିପୋଖରୀ ବଜାର, କହରାପୋଖରୀ, ବାରିକପୁର, ମଞ୍ଜୁରି, ଜଗନ୍ନାଥପ୍ରସାଦ, ବାଲିପୋଖରୀ ଠାରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ହୋଇଛି। ବାରିକପୁର କଲେଜପଡିଆଠାରେ ବାସନ୍ତୀ ଦୁର୍ଗା ପୂଜା ପାଳନ କରାଯାଉଛି। ବଜାର ବ୍ୟବସାୟୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ପାଳିତ ହୋଇଥାଏ। କହରାପୋଖରୀ ଠାରେ ଦୀର୍ଘବର୍ଷ ହେଲା ଏହି ପୂଜା ପାଳିତ ହୋଇଆସୁଥିବା କୁହାଯାଉଛି। ସେହିପରି ଆଖୁଆପଦା ସ୍ଥିତ ଆନିକଟ ଠାରେ ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ପୂଜକ ସୀତାକାନ୍ତ ମିଶ୍ର ପୂଜା କାର୍ଯ୍ୟ ସମାପନ କରୁଥିବା ବେଳେ ପ୍ରଦୀପ୍ତ ବାରିକ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମକୁ ସ୍ମୃତିରଞ୍ଜନ ଜେନା, ମହେଶ୍ୱର ଦାସ, ପ୍ରଫୁଲ୍ଲ ବାରିକ, କ୍ଷେତ୍ରବାସୀ ଜେନା, ଅସିତ



ଆନିକଟ ବାସନ୍ତୀ ଦୁର୍ଗା।

# ଚଢ଼କ ଯାତ୍ରା ପାଇଁ ଉତ୍ସବମୁଖର ସୁନାମୁହିଁ ପୀଠ

**ଭଣ୍ଡାରିପୋଖରୀ, ୧୨।୪(ଡି.ଏନ୍.ଏ.)**

ପଣା ସଂକ୍ରାନ୍ତି ପାଇଁ ଉତ୍ସବମୁଖର ପରିବେଶ। ସେଥିପାଇଁ କମିଟି ସବୁ ଲାଗିପଡିଛନ୍ତି ମା'ଙ୍କ ପର୍ବ ଲାଗି। ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା' ସୁବର୍ଣ୍ଣମୁଖୀ ସୁନାମୁହିଁ ଚଢ଼କ ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି। ଶନିବାର ମାସାନ୍ତଠାରୁ ୯ ଦିନ ଧରି ଏହି ମେଳା ଚାଲିବ। ରବିବାର ଓ ଗୁରୁବାର ମା' ସୁବର୍ଣ୍ଣମୁଖୀଙ୍କ ମୁଖ୍ୟ ପୂଜା ଦିବସ। ଏହି ମେଳାରେ ବହୁ ଶ୍ରଦ୍ଧାଳୁ ମାନସିକ ରଖି ଚଢ଼କ ଯାତ୍ରାକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତର ବୈତରଣୀ ନଦୀକୂଳରେ ମା' ସୁବର୍ଣ୍ଣମୁଖୀ ଠାକୁରାଣୀ ବିରାଜମାନ କରିଛନ୍ତି। ମା' କେବେଠାରୁ ପୂଜା ପାଇଆସୁଛନ୍ତି ତାହାର କିଛି ନିର୍ଦ୍ଦିଷ୍ଟ ନାହିଁ। ଏହି ପୀଠ ବହୁ ପୁରାତନ ବୋଲି ଲୋକଶ୍ରୁତିରେ ଯାହା ଜଣାପଡ଼େ। ଏହି ପୀଠରେ ପୂଜା ପାଉଥିବା ମା' ଅଷ୍ଟଭୁଜାଙ୍କ ଦିବ୍ୟମୁଖ ସୁବର୍ଣ୍ଣ ପରି ଝଲସୁଥାଏ। ପଣା ସଂକ୍ରାନ୍ତିରେ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ମା'। ନିଶାର୍ଦ୍ଧରେ ମାନସିକଧାରୀମାନେ ଛାଗ ବଳି ପକାଇ ମାଟି ଘୋଡ଼ା ଚଢ଼ାଇଥାନ୍ତି। ସଂକ୍ରାନ୍ତି ପୂର୍ବଦିନ ମାସାନ୍ତରେ ସକାଳୁ ପାଞ୍ଚଘଟ ପୂଜା ଅନୁଷ୍ଠିତ ହୋଇ ଛାଗ ବଳି ପଡିଥାଏ। ବଳି ପଡ଼ିସାରିବା ପରେ ପୂର୍ବରୁ ଉପାସନାରେ ରହିଥିବା କାଳିଶି ମାଗୁଣି ଦଳେଇଙ୍କୁ ଲାଗିଥାଏ। କାଳିଶି ଘଣ୍ଟ ବାଜାର ସ୍ୱରରେ ନାଚି ନାଚି ଚରକ ଖୁଣ୍ଟ ପାଇଁ ଗଛ ଚିହ୍ନଟ କରିବାକୁ ଯାଇଥାନ୍ତି। କାଳିଶି ଗ୍ରାମକୁ ଗ୍ରାମ ଯାଇ ଚରକ ଖୁଣ୍ଟ ପାଇଁ ତେନ୍ତୁଳି ଗଛ ଚିହ୍ନଟ କରିଥାଏ। ଗଛ ଚିହ୍ନଟ ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥାଏ। ସଂକ୍ରାନ୍ତି ପରଦିନ ସେହି ଗଛକୁ ରଜକ ଛେଦନ କରି ମା'ଙ୍କଠାରେ ଆଣି ରଖିଥାଏ। ଆସନ୍ତା ୨୧ ତାରିଖ ସକାଳେ ପୂଜା ପାଉଥିବା ଚରକ ଖୁଣ୍ଟ ଉଠିଲେ ଉତ୍ସବ ସମାପନ ହୋଇଥାଏ। ବୈତରଣୀ ନଦୀକୂଳରେ ଥିବା ଏହି ପୀଠ ଆଖପାଖ ଅଞ୍ଚଳବାସୀଙ୍କ ଭକ୍ତି ଓ ଆଧାତ୍ମିକ ଭାବନା ସହ କେଉଁ କାଳରୁ ଜଡ଼ିତ ହୋଇ ଆସିଛି। ପୀଠର ମହିମା ସମ୍ପର୍କରେ ଅନେକ ଜନଶ୍ରୁତି ରହିଛି। ମା'ଙ୍କ ଆବିର୍ଭାବ ସମ୍ପର୍କରେ ଜନଶ୍ରୁତିରୁ ଯାହା ଜଣାପଡ଼େ, ପୂର୍ବରୁ ଜଣେ ସାଧୁ ଗ୍ରାମବାସୀଙ୍କ ସହାୟତାରେ ମା'ଙ୍କୁ ପୂଜାର୍ଚ୍ଚନା ଆରମ୍ଭ କରିଥିବା କୁହାଯାଏ। ସୁବର୍ଣ୍ଣମୁଖୀ ଠାକୁରାଣୀ ଅଷ୍ଟଭୁଜା। ସୁବର୍ଣ୍ଣ ପରି ଝଲସୁଥାଏ ତାଙ୍କ ଦିବ୍ୟମୁଖ। ପ୍ରତିବର୍ଷ ବିଷୁବ ସଂକ୍ରାନ୍ତିରେ ମା'ଙ୍କ ମୁଖ୍ୟପର୍ବ ଅନୁଷ୍ଠିତ ହୋଇଥାଏ। ଏହାଛଡ଼ା ରଜସଂକ୍ରାନ୍ତି, କାର୍ତ୍ତିକ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ମଧ ଧୁମ୍‌ଧାମରେ ପାଳିତ ହୋଇଥାଏ।

ପୂଜକ ବ୍ରଜ କିଶୋର ପଣ୍ଡା କୁହନ୍ତି, ବୈତରଣୀ ନଦୀବନ୍ଧ ଠାରୁ ପୀଠଯାଏ ଯିବା ପାଇଁ ଭଲ ରାସ୍ତା ନ ଥିବାରୁ ଭକ୍ତମାନେ ବହୁ ହଇରାଣ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଏହି ପ୍ରାଚୀନ ପୀଠର ବିକାଶ ପାଇଁ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହାଛଡା ମେଳା ସମୟରେ ପାଣିର ଅଭାବ ପରିଲକ୍ଷିତ ହୋଇଥାଏ। ଏଠାରେ ଥିବା ଦୁଇଟି ନଳକୂପ ପାଣି ଯୋଗାଇ ପାରେନାହିଁ। ଯାତ୍ରୀମାନେ ରହିବା ପାଇଁ ଆଶ୍ରୟସ୍ଥଳୀଟିଏ ନାହିଁ। କମିଟି ସଭାପତି ଗୋଲକ ଚନ୍ଦ୍ର ବେହେରା କୁହନ୍ତି, ମା' ସୁବର୍ଣ୍ଣମୁଖୀଙ୍କ ମହିମା ଅପାର। ଗ୍ରାମବାସୀ ଓ ପୂଜା କମିଟିର ଉଦ୍ୟମକ୍ରମେ ପଣା ସଂକ୍ରାନ୍ତି ଉତ୍ସବ ଏ ଅଞ୍ଚଳରେ ସାଂସ୍କୃତିକ ଓ ଆଧାତ୍ମିକ ଜାଗରଣ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଆସିଛି।



ମା' ସୁନାମୁହିଁ ପୀଠ।

■ ପଣା ସଂକ୍ରାନ୍ତିରେ ବଡ଼ସିଂହାର ବେଶରେ ଦର୍ଶନ ଦିଅନ୍ତି ମା'

■ ନିଶାର୍ଦ୍ଧରେ ଛାଗ ବଳି ଦିଆଯାଏ

# ଅଟକିଛି ଚାନ୍ଦବାଲିର ବିକାଶ:କଂଗ୍ରେସ




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାଙ୍କ ବିବୃତି।

**ଚାନ୍ଦବାଲି,୧୨।୪(ଡି.ଏନ.ଏ.):** ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ଅପାରଗତା କାରଣରୁ ପ୍ରାଚୀନ ଉତ୍କଳର ପ୍ରବେଶ ଦ୍ୱାର ଭାବେ ବିବେଚିତ ଚାନ୍ଦବାଲି ସହରର ବିକାଶ ବିଗତ ୧୫ବର୍ଷ ହେବ ଅଟକିଯାଇଛି ବୋଲି ବ୍ଲକ କଂଗ୍ରେସ ପକ୍ଷରୁ କୁହାଯାଇଛି। ଭଦ୍ରକ ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ମଧୁମିତା ସେଠୀ ଓ ଚାନ୍ଦବାଲି ବିଧାନସଭାର ପ୍ରାର୍ଥୀ ଦିଗମ୍ବର ଦାସ ଶୁକ୍ରବାର ଚାନ୍ଦବାଲି ସହରରେ ପ୍ରଚାର କରିଛନ୍ତି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ପ୍ରାର୍ଥୀଦ୍ୱୟ ଚାନ୍ଦବାଲି ପ୍ରତି ଅବହେଳା ପାଇଁ ବିଜେଡି ଓ ଭାଜପାକୁ ଦୋଷାରୋପ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଚାନ୍ଦବାଲିକୁ ଘୋର ଅବହେଳା କରାଯାଇଛି ବୋଲି କଂଗ୍ରେସ ନେତା ପ୍ରକାଶ କରିଛନ୍ତି। ଗ୍ରୀଡ୍ ସ୍ଥାପନ ହେଲେ ମଧ ଚାନ୍ଦବାଲିରେ ଅଘୋଷିତ ବିଜୁଳି କାଟ ଲାଗି ରହିଛି। ଧାମରା ବନ୍ଦରାଞ୍ଚଳରେ ଅନେକ ପ୍ରକାର ଶିଳ୍ପ ଗଢ଼ି ଉଠିବାର ସମ୍ଭାବନା ରହିଥିବା ବେଳେ ଏଠାରେ ଗୋଟିଏ ମଧ କାରଖାନା ପ୍ରତିଷ୍ଠା ସମ୍ଭବ ହୋଇନାହିଁ। ଭଦ୍ରକ ଜିଲା ବାହାରର ପିଲାମାନେ ଧାମରା ବନ୍ଦରରେ ନିଯୁକ୍ତି ପାଇଥିବା ବେଳେ ସ୍ଥାନୀୟ ଲୋକେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। କଂଗ୍ରେସର ପ୍ରାର୍ଥୀ ବିଜୟୀ ହେଲେ ଚାନ୍ଦବାଲିର ବିବିଧ ବିକାଶ ହେବ ବୋଲି ନେତାମାନେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ପ୍ରସଙ୍ଗରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୁର ମହମ୍ମଦ ଇସମାଇଲ, ସୁଲୋଚନା ନାୟକ, ହରେନ୍ଦ୍ର ମାଇତି, ମାନସ ବାରିକ, ଜଗନ୍ନାଥ ଦାସ, ବଦ୍ରି ନାୟକ, ଦିଗମ୍ବର ସାହୁ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମା’ କାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ କଂଗ୍ରେସ ପ୍ରାର୍ଥୀଦ୍ୱୟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ଭୋଟ ପ୍ରଚାର ମଧ କରିଛନ୍ତି।

# ମଇଦାନରେ ୫ ପ୍ରାର୍ଥୀ, ବିକାଶ ପ୍ରତି ଅବହେଳା ମୁଖ୍ୟ ପ୍ରସଙ୍ଗ

**ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ**

ସିମୁଳିଆ, ୧୨।୪(ସନ୍ତୋଷ କୁମାର ନାୟକ)-ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ବାଲେଶ୍ୱର ଜିଲା ସିମୁଳିଆ -ଖଇରା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତାର ଚିତ୍ର ସ୍ପଷ୍ଟ ହୋଇଛି। ନିର୍ବାଚନ ମଇଦାନରେ ୫ଜଣ ପ୍ରାର୍ଥୀ ରହିଛନ୍ତି। କଂଗ୍ରେସରୁ ଇସ୍ତଫା ଦେଇ ଭାଜପା ଟିକେଟ ହାତେଇଥିବା ପଦ୍ମଲୋଚନ ପଣ୍ଡା, ଏଥର ବିଜେଡିରୁ ପ୍ରାର୍ଥୀ ହୋଇଥିବା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କଂଗ୍ରେସର ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଏସ୍‌ପିରୁ ପୃଥ୍ୱୀରାଜ ଦାସ ଓ ପୂର୍ବାଞ୍ଚଳ ଜନତା ପାର୍ଟିରୁ ଗଙ୍ଗାଧର ଦାସଙ୍କ ମଧ୍ୟରେ ଲଢେଇ ହେବ। ନବାଗତ ଦୁଇ ପ୍ରାର୍ଥୀଙ୍କୁ ଛାଡି ଦେଲେ ଭାଜପା, କଂଗ୍ରେସ ଓ ବିଜେଡି ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବ୍ୟବହିତ ପୂର୍ବରୁ ଏସବୁ ପ୍ରାର୍ଥୀ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରୁଥିବାରୁ ନିର୍ବାଚନମଣ୍ଡଳୀରେ ଉଷ୍ମତା ବାରି ହୋଇପଡୁଛି।

ଭାଜପା ପ୍ରାର୍ଥୀ ପଦ୍ମଲୋଚନ କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଥିବାରୁ ଗୋଟିଏ ଗୋଷ୍ଠୀ ତାଙ୍କୁ ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ଅସନ୍ତୁଷ୍ଟଙ୍କୁ ମନାଇବା ଉଦ୍ୟମ ସେ ଜାରି ରଖିଛନ୍ତି। କଂଗ୍ରେସ ଦଳରୁ ବିଧାୟକ ଥିବା ବେଳେ କରିଥିବା ଉନ୍ନୟନ କାର୍ଯ୍ୟ କଥା କହି ଏବେ ପ୍ରଚାର କରୁଥିବା ଲକ୍ଷ୍ୟ କରାଯାଉଛି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଜେଡି ସରକାର ସମୟରେ ସିମୁଳିଆର କୌଣସି ବିକାଶ ହୋଇନାହିଁ। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ନୈରାଶ୍ୟ ଭରି ଯାଇଛି। ସେ ନିର୍ବାଚନରେ ବିଜୟ ହାସଲ କଲେ ଉଭୟ ଖଇରା ଓ ସିମୁଳିଆର ସମନ୍ୱିତ ବିକାଶ ପାଇଁ ଗୁରୁତ୍ୱ ଦେବେ। ବିଜେଡି ପ୍ରାର୍ଥୀ ଜ୍ୟୋତି ପ୍ରକାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଗତ ୫ ବର୍ଷ ମଧ୍ୟରେ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଖଇରା -ସିମୁଳିଆ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ କରାଯାଇଛି। ସେ ଆଉଥରେ ନିର୍ବାଚିତ ହେଲେ ଏହାକୁ ଏକ ମଡେଲ ନିର୍ବାଚନମଣ୍ଡଳୀରେ ପରିଣତ କରିବେ। କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଏମ୍‌ପି ଅନନ୍ତ ସେଠୀ ଦଳରୁ ଟିକେଟ ପାଇବା ପରେ ଦଳରେ ଥିବା ସଙ୍ଗଠନକୁ ସଜାଡିବାରେ ଲାଗି ପଡିଛନ୍ତି। ନିର୍ବାଚନ ଜିତିଲେ ସେ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଲାଗି ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ସିମୁଳିଆ ବ୍ଲକର ୨୨ ପଞ୍ଚାୟତ ଓ ୩ଟି ଜିଲାପରିଷଦ ଜୋନ ଏବଂ ଖଇରା ବ୍ଲକର ୩୭ ପଞ୍ଚାୟତ ଓ ୪ ଜିଲାପରିଷଦ ଜୋନକୁ ନେଇ ଏହି ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ନିର୍ବାଚନମଣ୍ଡଳୀ ଗଠିତ ହେବା ପରଠାରୁ ସବୁବେଳେ ସିମୁଳିଆ ବ୍ଲକର ପ୍ରାର୍ଥୀମାନେ ବିଧାୟକ ପଦବୀ ଅକ୍ତିଆର କରି ଆସୁଛନ୍ତି। ଏଠାରେ ଉଭୟ ଖଇରା ଓ ସିମୁଳିଆ ମଧ୍ୟରେ ବିକାଶରେ ତାରତମ୍ୟ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗକୁ ଅଧିକାଂଶ ପ୍ରାର୍ଥୀ ଜୋର ଦେଇ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। କଂଗ୍ରେସର ସ୍ଥିତି ଦୁର୍ବଳ ଥିଲେ ମଧ ପୂର୍ବତନ ଏମ୍‌ପି ଅନନ୍ତ ଖଇରାବାସୀଙ୍କ ଅଧିକ ସମର୍ଥନ ପାଇବାକୁ ଆଶା ରଖିଛନ୍ତି। ସେ କଂଗ୍ରେସରୁ ୩ଥର ବିଧାୟକ ହୋଇ ଥରେ ମନ୍ତ୍ରୀ ପଦରେ କାର୍ଯ୍ୟ କରିବା ସହ ସଙ୍ଗଠନ ଦାୟିତ୍ୱ ତୁଲାଇବାର ଅଭିଜ୍ଞତା ରଖିଛନ୍ତି। କଂଗ୍ରେସ ଦଳ ପରିତ୍ୟାଗ କରି ଏଥର ଭାଜପାରୁ ପ୍ରାର୍ଥୀ ହୋଇଥିବା ପଦ୍ମଲୋଚନ କଂଗ୍ରେସର କେତେକ ସମର୍ଥକ ଓ ଭାଜପା ସପକ୍ଷରେ ହାୱା ରହିଥିବା ମନେକରି ନିର୍ବାଚନ ବୈତରଣୀ ପାରି ହେବାକୁ ବଳ କଷିବା ଆରମ୍ଭ କରିଛନ୍ତି। କେତେକ ବିଜେଡି ନେତା ପଦ୍ମଲୋଚନଙ୍କ ଶିବିରରେ ଡେରା ପକାଇଥିବା ଚର୍ଚ୍ଚା ହେଉଛି। ୨୦୧୪ ନିର୍ବାଚନ ଲଢି ୭ହଜାର ୯ଶହ ୩୭ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିବା ବିଜେଡିର ଜ୍ୟୋତି ପ୍ରକାଶଙ୍କୁ ଭରସା କରି ଦଳ ଏଥର ପୁଣି ଟିକେଟ ଦେଇଛି। ସିମୁଳିଆର ୩ଟି ଜିଲାପରିଷଦ ଓ ଖଇରା ବ୍ଲକର ୪ଟି ଜିଲାପରିଷଦ ଜୋନ ବିଜେଡି ଅକ୍ତିଆରରେ ଥିବାରୁ ସେ କର୍ମୀଙ୍କ ସମର୍ଥନ ଯୋଗାଡ ପାଇଁ ଲାଗି ପଡିଛନ୍ତି। ନୂଆମୁହଁ ରୂପେ ବିଏସ୍‌ପିରୁ ପ୍ରାର୍ଥୀ ହୋଇଥିବା ପୃଥ୍ୱୀରାଜଙ୍କ ଘର ଖଇରା ବ୍ଲକରେ। ସେହିପରି ପୂର୍ବାଞ୍ଚଳ ଜନତା ପାର୍ଟିରୁ ପ୍ରାର୍ଥୀ ହୋଇଥିବା ଗଙ୍ଗାଧରଙ୍କ ଘର ସୋର ବ୍ଲକରେ। ସେମାନେ ନିଜ ଅଞ୍ଚଳରୁ ଅଧିକ ଭୋଟ ହାତେଇ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ଅଣ୍ଟା ଭିଡିଛନ୍ତି। ଦଳବଦଳ ସାଙ୍ଗକୁ ବିକାଶ କାର୍ଯ୍ୟ ପ୍ରତି ହୋଇଥିବା ଅବହେଳା ଉପରେ ଭୋଟରମାନେ ନଜର ରଖିଥିବା କହିଛନ୍ତି। ଖାଉଟି ସଚେତକ ତଥା ସୂଚନା ଅଧିକାର କର୍ମୀ ନୀଳାମ୍ବର ମିଶ୍ର କେବଳ ପ୍ରତିଶ୍ରୁତିରେ ବିକାଶ ଅଟକିଛି ବୋଲି କହିଥିବା ବେଳେ ଖଇରା ବ୍ଲକ ମାଖନପୁର ପଞ୍ଚାୟତର ଯୁବକ ଅସିତ ଦାଶ ନିର୍ବାଚନମଣ୍ଡଳୀ ଅଧୀନ ରାସ୍ତା ଘାଟର ଦୁରବସ୍ଥା ଓ ବେକାରି ସମସ୍ୟା ବୃଦ୍ଧି, ଅବସରପ୍ରାପ୍ତ ସାମରିକ କର୍ମଚାରୀ ତଥା ଶ୍ୟାମସୁନ୍ଦରପୁର ଅଞ୍ଚଳର ଭଗବାନ ଚନ୍ଦ୍ର ମିଶ୍ର ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି ବିକାଶର ପ୍ରତିଶ୍ରୁତି ଏଠାରେ ପ୍ରତାରଣା ପାଲଟିଥିବାରୁ ସେ ନୋଟାରେ ଭୋଟ ଦେବେ ବୋଲି କହିଛନ୍ତି। ମଇତାପୁର ଅଞ୍ଚଳର ଅଗ୍ରଣୀ ମାଛ ଚାଷୀ କରୁଣାକର ବେହେରା କହନ୍ତି କୃଷି ଉପରେ ବିକାଶ ନିର୍ଭର କରେ। କୃଷି ଓ କୃଷକଙ୍କ ସମସ୍ୟା ସମେତ ଦାରିଦ୍ର୍ୟ ଭଳି ପ୍ରସଙ୍ଗକୁ ଭୋଟରମାନେ ପରଖିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

# ବିଜୁ ମହିଳା ଦଳର ଗାଁ ଗାଁରେ ବୈଠକ



ବିଜୁ ମହିଳା ଦଳ ପକ୍ଷରୁ ଗାଁରେ ବୈଠକ ଅନୁଷ୍ଠିତ ହେଉଛି।

**ଚାନ୍ଦବାଲି,୧୨।୪(ଡି.ଏନ.ଏ.):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ମହିଳା ଦଳର ନେତ୍ରୀମାନେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ମହିଳାଙ୍କୁ ନେଇ ବୈଠକ କରିଛନ୍ତି। ବିଜୁ ମହିଳା ଦଳର ଚାନ୍ଦବାଲି ବ୍ଲକ ସଭାନେତ୍ରୀ ମାନସୀ ପାଢୀ, ଜିଲା ଉପସଭାନେତ୍ରୀ ସୁପ୍ରଭା ରାୟ ଓ ବାସନ୍ତୀ ନାୟକଙ୍କ ଏହାର ନେତୃତ୍ୱ ନେଇଥିଲେ। ନବୀନବାବୁ ମହିଳାଙ୍କ ନିମନ୍ତେ କରିଥିବା ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ ମହିଳାଙ୍କୁ ବୁଝାଇବା ସହିତ ବିଜେଡିର ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଓ ଏମ୍‌ପି ପ୍ରାର୍ଥୀ ମୁଳତା ମଣ୍ଡଳଙ୍କୁ ବିଜୟୀ କରିବାକୁ ନିବେଦନ କରିଛନ୍ତି।

## କଂଗ୍ରେସର ପ୍ରଚାର ଆରମ୍ଭ

**ଚମ୍ପୁଆ,୧୨।୪(ଡି.ଏନ.ଏ):** ଚମ୍ପୁଆ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଯଦୁମଣି ବାରିକ ଶୁକ୍ରବାର ପଦୁଆ ପଞ୍ଚାୟତ ନିଶାଗଡିଆଠାରେ ନିର୍ବାଚନୀ ସଭା ଆରମ୍ଭ କରିଥିଲେ। ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଥିବା କହି ସମାଲୋଚନା କରିଥିଲେ। ଚମ୍ପୁଆ ହେଉଛି କଂଗ୍ରସର ଗଡ ତେଣୁ ଏହି ନିର୍ବାଚନ ମଣ୍ଡଳୀର ଭଉଣୀଭାଇ କଂଗ୍ରେସକୁ ବିଜୟ କରିବାକୁ ଅନୁରୋଧ କରିଥିଲେ। ଭଣ୍ଡା ରାଜନୀତିକୁ ନା ପସନ୍ଦ କରିବା ସହିତ ପ୍ରକୃତ ପ୍ରାର୍ଥୀକୁ ଭୋଟ ଦେଇ କଂଗ୍ରେସ ଦଳକୁ ଜିତାଇବାକୁ କହିଥିଲେ।

# ନବଜ୍ୟୋତିଙ୍କ ରୋଡ୍ ଶୋ

**ବେତନଟୀ, ୧୨।୪ (ଡି.ଏନ୍.ଏ.)**



ବାଲେଶ୍ୱର ଲୋକସଭା ଆସନ ଅଧୀନ ମୟୂରଭଞ୍ଜ ଜିଲାର ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବେତନଟୀଠାରେ କଂଗ୍ରେସ ପକ୍ଷରୁ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଦୀର୍ଘ ୨୦ କି.ମି. ରୋଡ୍ ଶୋ କରି ବେତନଟୀ ଧର୍ମଶାଳାଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଲୋକସଭା ପ୍ରାର୍ଥୀ ନବଜ୍ୟୋତିଙ୍କ ସମେତ ବଡସାହି ବିଧାନସଭା ପ୍ରାର୍ଥିନୀ ଦେବଯାନୀ ବେହେରାଙ୍କୁ ବିଜୟୀ କରିବା ଲାଗି ଦଳର ନେତୃବୃନ୍ଦ କର୍ମୀମାନଙ୍କୁ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲା କଂଗ୍ରେସ ସଭାପତି ହେମନ୍ତ କୁମାର ଦାସ, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ତଥା ରାଜ୍ୟ ମହିଳା ନେତ୍ରୀ ସରସ୍ୱତୀ ହେମ୍ବ୍ରମ୍, ପୂର୍ବତନ କଂଗ୍ରେସ ଜିଲା ସଭାପତି ହିମାଂଶୁ ପରିଡା, ବାଲେଶ୍ୱର ଜିଲା ସାଧାରଣ ସମ୍ପାଦକ ତଥା ମିଡିଆ ସଂଯୋଜକ ଦେବଦତ୍ତ ଦାସ ବକ୍ତବ୍ୟ ରଖିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ କୃଷି ଋଣ ଛାଡ, ବେରୋଜଗାରଙ୍କୁ ୭୨ ହଜାର ଟଙ୍କା ପ୍ରଦାନ, ପ୍ରତିମାସରେ ପରିବାରର ମହିଳା ସଦସ୍ୟାଙ୍କ ବ୍ୟାଙ୍କ ଖାତାକୁ ୬ ହଜାର ଟଙ୍କା ଦିଆଯିବା ଆଦି ଦଳର ପ୍ରତିଶ୍ରୁତିକୁ ସେ ଦୋହରାଇଥିଲେ।

## ସଭାରେ ନ ଥିଲେ ପୁରୁଖା କର୍ମୀ

**ବଡ଼ସାହି,୧୨।୪(ସ୍ୱ.ପ୍ର.):** ବାଲେଶ୍ୱର ଲୋକସଭା ଆସନ ଅଧିନରେ ଥିବା ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନ ମଣ୍ଡଳୀକୁ କଂଗ୍ରେସର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଶୁକ୍ରବାର ଗସ୍ତରେ ଆସି ଫେରିଯାଇଛନ୍ତି। ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ ଜଣାଇବା ଅବସରରେ ସେ ସ୍ଥାନୀୟ ବଜାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଏକ ମଣ୍ଡପରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ ନିବାଚନ ରଣନୀତି ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଇଥିଲେ। ନବଜ୍ୟୋତିଙ୍କ ଗସ୍ତ ସମୟରେ ଦଳର ପୁରୁଖା କର୍ମୀ ଅନୁପସ୍ଥିତି ଥିବା ଦେଖିବାକୁ ମିଳିଥିଲା। ଏ ପରି କି ଏ ସମ୍ପର୍କରେ ବ୍ଲକ ସଭାପତିଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା କୁହାଯାଇଥିଲା। ପ୍ରାର୍ଥୀ ଚୟନକୁ ନେଇ ଦଳରେ ଲାଗି ରହିଥିବା ବିବାଦର ସମାଧାନ କରା ନ ଗଲେ ନିର୍ବାଚନକୁ ସାମ୍ନା କରିବା ଏତେ ସହଜ ହେବ ନାହିଁ ବୋଲି ଅସନ୍ତୁଷ୍ଟ କର୍ମୀ ମତବ୍ୟକ୍ତ କରିଛନ୍ତି। କଂଗ୍ରେସ ଓ ଜେଏମ୍ଏମ୍ ମଧ୍ୟରେ ମେଣ୍ଟ ହୋଇଥିବା ବେଳେ ଜେଏମଏମ୍ କର୍ମୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ସୂର୍ଯ୍ୟମଣି ପାତ୍ରଙ୍କ ଅଧ୍ୟକ୍ଷତାରେ ଜେଏମଏମ୍ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ବସି ନବଜ୍ୟୋତି ଗସ୍ତ ସମୟରେ ଜେଏମ୍ଏମ୍ କର୍ମୀଙ୍କୁ ସାକ୍ଷାତ ନ କରିବା ଘଟଣାକୁ ସମାଲୋଚନା କରାଯାଇଛି। ଉକ୍ତ ବୈଠକରେ ଦିଲିପ କୁମାର ସାହୁ, ରଣଜିତ ପାତ୍ର, ମାନସିଂ କିସ୍କୁ,ଚୈତନ୍ୟ ବେସ୍ରା, ଦୁର୍ଯ୍ୟୋଧନ ସରେନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟର ୩ ଲୋକସଭା ଆସନରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ




ଖବରଦାତା ସମ୍ମିଳନୀରେ ତୃଣମୂଳ କଂଗ୍ରେସର ଓଡ଼ିଶା ପ୍ରଭାରୀ ପ୍ରଦୀପ କୁମାର ପାତ୍ର ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ,୧୨।୪**

ତୃଣମୂଳ କଂଗ୍ରେସର ଜିଲା ସଭାପତି ସମେତ ବିଧାନସଭା ଏବଂ ଲୋକସଭା ପ୍ରାର୍ଥୀଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ବାଲେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ପ୍ରଦୀପ କୁମାର ପାତ୍ର ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି।

ଦେଶରେ ୨୨ଟି ରାଜ୍ୟରେ ତୃଣମୂଳ କଂଗ୍ରେସ ବିଧାନସଭା ଓ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଓଡ଼ିଶାର ଭୁବନେଶ୍ୱର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଜିଲାରୁ ମୋଟ ୩ଟି ଲୋକସଭା ପ୍ରାର୍ଥୀ ଏବଂ ୧୬ଟି ବିଧାନସଭା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପାତ୍ର ପ୍ରକାଶ କରିଛନ୍ତି। ଏଥିସହିତ ବାଲେଶ୍ୱର ଜିଲାର ସଭାପତି ଭାବେ ଦିବ୍ୟସିଂହ ପରିଡ଼ାଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଳେଶ୍ୱର ବିଧାନସଭା ପ୍ରାର୍ଥୀ ଭାବେ ଦୀପକ କୁମାର କାପୁଡ଼ୀ, ଭୋଗରାଇରେ ସେକ୍ ସଲିମ ଅଲ୍ଲୀ, ବସ୍ତାରେ ନନ୍ଦନ ପାଲ, ରେମୁଣାରେ ବିଧାନ ଚନ୍ଦ୍ର ଜେନା, ସଦରରେ ମେହେରାଜ ଅଲ୍ଲୀଙ୍କ ନାମ ସହିତ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବେ ହାଜି ଇସ୍ତେହାରଙ୍କ ନାମ ଘୋଷଣା କରାଯାଇଛି। କେନ୍ଦ୍ର ସରକାର ନୋଟ୍ ବନ୍ଦୀରେ ବିଫଳତା ଏବଂ ମୋଦୀଙ୍କ ହିଟ୍‌ଲର ଶାସନକୁ ହଟାଇବା ପାଇଁ ଦେଶସାରା ୨୬ଟି ରାଜନୈତିକ ଦଳ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଭାରତବର୍ଷରେ ଛିଡ଼ା ହୋଇଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭୋଗରାଇ ପ୍ରାର୍ଥୀଙ୍କୁ ଛାଡ଼ିଦେଲେ ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ସହ ବାଲେଶ୍ୱର, ମୟୂରଭଞ୍ଜ ଜିଲାର ପ୍ରଚାର କମିଟି ଅଧ୍ୟକ୍ଷ ଗୋବିନ୍ଦ ଭଗବାନ ଉପସ୍ଥିତ ଥିଲେ।

## ବସ୍ତା ଆସନରୁ ଶ୍ୟାମାପ୍ରସାଦ, ଲୋକ ସଭା ଆସନରୁ ରବୀନ୍ଦ୍ରନାଥଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ବାଲେଶ୍ୱର ଅଫିସ, ୧୨।୪:** ଚଳିତବର୍ଷ ସାଧାରଣ ନିର୍ବାଚନରେ ବାଲେଶ୍ୱର ଲୋକସଭା ଆସନ ପାଇଁ ୧୩ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଜିଲାର ମୋଟ ୮ଟି ବିଧାନସଭା କ୍ଷେତ୍ର ପାଇଁ ୭୩ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଜଳେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ୧୧, ଭୋଗରାଇରେ ୮, ବସ୍ତାରେ ୧୨, ସଦରରେ ୧୨, ରେମୁଣାରେ ୯, ନୀଳଗିରିରେ ୧୦, ସୋରରେ ୬, ସିମୁଳିଆ ନିର୍ବାଚନମଣ୍ଡଳୀ ପାଇଁ ୫ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ବସ୍ତା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଶ୍ୟାମାପ୍ରସାଦ ବେହେରା ଏବଂ ବାଲେଶ୍ୱର ଲୋକସଭା ଆସନ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ରବୀନ୍ଦ୍ର ନାଥ ଜେନା ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଜିଲା ଉପ ନିର୍ବାଚନଅଧିକାରୀ ମନୋଜ କୁମାର ସେନାପତି ପ୍ରକାଶ କରିଛନ୍ତି।

## ଜଣେ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର
# ମୋଟ ୪୬ ପ୍ରତିଦ୍ୱନ୍ଦ୍ୱୀ

**ଭଦ୍ରକ ଅଫିସ,୧୨।୪:** ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ଥିଲା। ଭଦ୍ରକ ସଂସଦୀୟ କ୍ଷେତ୍ର ଓ ୫ ବିଧାନସଭା ନିମନ୍ତେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ କେବଳ ଧାମନଗର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ବାଙ୍କ ବିହାରୀ ଦାସ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଏବେ ଏମପି ଓ ଏମ୍ଏଲଏ ପ୍ରାର୍ଥୀ ମିଶି ମୋଟ ୪୬ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଭଦ୍ରକ ଲୋକସଭା, ଭଦ୍ରକ ବିଧାନସଭା, ଭଣ୍ଡାରିପୋଖରୀ, ଧାମନଗର, ବାସୁଦେବପୁର, ଚାନ୍ଦବାଲି ବିଧାନସଭା ପାଇଁ ମୋଟ ୫୫ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ଯାଞ୍ଚ ସମୟରେ ୮ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଭଦ୍ରକ ଲୋକସଭା ପାଇଁ ୮ଜଣ, ଭଣ୍ଡାରିପୋଖରୀ ପାଇଁ ୧୦, ଭଦ୍ରକ ପାଇଁ ୮, ବାସୁଦେବପୁର ପାଇଁ ୬, ଧାମନଗର ପାଇଁ ୮ ଏବଂ ଚାନ୍ଦବାଲି ପାଇଁ ୭ଜଣ ପ୍ରାର୍ଥୀ ରହିଛନ୍ତି।

# ପ୍ରଚାର ଲାଗି ରଣନୀତି, ଛକାପଞ୍ଝା



ବାରିପଦା ବିଧାୟିକା ପ୍ରାର୍ଥୀ ସରୋଜିନୀଙ୍କ ସହିତ ଜିଲା ସଭାପତି ଦେବାଶିଷ ପ୍ରଚାର କରୁଛନ୍ତି।



ମୋରଡା ବିଧାୟକ ପ୍ରାର୍ଥୀ ରାଜକିଶୋରଙ୍କ ସମର୍ଥନରେ ଆୟୋଜିତ କର୍ମୀ ସମ୍ମିଳନୀ।

**ବାରିପଦା ଅଫିସ,୧୨।୪**

- ପ୍ରଥମ ଦିନରେ ସରୋଜିନୀ, ରାଜକିଶୋରଙ୍କ ଲାଗି ପ୍ରଚାର କଲେ ଦେବାଶିଷ
- ଅସନ୍ତୁଷ୍ଟଙ୍କୁ ମନାଇବା ଲାଗି ବସୁଛି ରୁଦ୍ଧଦ୍ୱାର ବୈଠକ
- ଭାଜପା ପକ୍ଷରୁ ପ୍ରଚାର ତ୍ୱରାନ୍ୱିତ

ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହେବା ପରେ ବିଭିନ୍ନ ଦଳର ପ୍ରାର୍ଥୀ ଗାଁମୁହାଁ ହୋଇ ପ୍ରଚାର ଚଳାଇବାକୁ ରଣନୀତି ପ୍ରାୟ ଚୂଡାନ୍ତ କରିସାରିଛନ୍ତି। ପ୍ରମୁଖ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିବା ଏବଂ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ଓ ଦଳ ଅଦଳବଦଳ ସ୍ଥିତି ପ୍ରାୟ ସବୁ ଦଳକୁ ଅଡୁଆରେ ପକାଇଥିଲା। ଏହି ପରିପ୍ରେକ୍ଷୀରେ ଅସନ୍ତୁଷ୍ଟଙ୍କୁ ମନାଇବା ସବୁ ଦଳର ପ୍ରାର୍ଥୀ ଓ ନେତୃବୃନ୍ଦ ପ୍ରାଥମିକତା ଦେଉଥିବା ଲକ୍ଷ୍ୟ କରାଯାଉଛି। ଏହା ମଧ୍ୟରେ ପ୍ରଚାର କାର୍ଯ୍ୟକୁ ଭାଜପା ତ୍ୱରାନ୍ୱିତ କରିଥିବା ବେଳେ ଶୁକ୍ରବାରଠାରୁ ଶାସକ ବିଜେଡି ପ୍ରଚାର ଆରମ୍ଭ କରିଛି। ଅସନ୍ତୁଷ୍ଟଙ୍କୁ ମନାଇବା ସକାଶେ ଶୁକ୍ରବାର ମଧ ରୁଦ୍ଧଦ୍ୱାର ବୈଠକ ବସିଥିବା ସୂଚନା ମିଳିଛି। କଂଗ୍ରେସ ଓ ଜେଏମ୍ଏମ୍ ଆସନ ବୁଝାମଣା କରିବା ପରେ ପ୍ରଚାର ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଶୁକ୍ରବାର ବିଜେଡି ପକ୍ଷରୁ ନବନିଯୁକ୍ତ ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଚାର କରାଯାଇଥିଲା। ଦଳର ବାରିପଦା ବିଧାୟିକା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ଓ ମୋରଡା ବିଧାୟକ ପ୍ରାର୍ଥୀ ରାଜକିଶୋରଙ୍କ ଲାଗି ଦେବାଶିଷ ପ୍ରଚାର କରିଥିଲେ। ବାରିପଦାସ୍ଥିତ ବିଜୁ ଭବନରୁ ବିଧାୟିକା ପ୍ରାର୍ଥୀ ସରୋଜିନୀ ବାହାରି ସହରର କଚେରି ଅଞ୍ଚଳ, ପିଡବ୍ଲୁଡି କଲୋନୀ, ମ୍ୟୁନିସିପାଲିଟି, ସତ୍ୟଶାଇ ଛକ ଆଦି ଅଞ୍ଚଳ ବୁଲି ଭୋଟରଙ୍କୁ ଭେଟିଥିଲେ। ତାଙ୍କ ସହିତ ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ କାଉନ୍‌ସିଲର ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସେହିପରି ଜିଲା ସଭାପତି ଦେବାଶିଷ ମୋରଡା ନିର୍ବାଚନମଣ୍ଡଳୀର ମହାବିଲା ପଞ୍ଚାୟତକୁ ଯାଇ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବିଧାୟକ ପ୍ରାର୍ଥୀ ରାଜକିଶୋରଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଉଲ୍ଲେଖନୀୟ ଯେ, ନିଜେ ଦେବାଶିଷ ମୋରଡା ବିଧାନସଭା ଆସନ ପାଇଁ ଟିକେଟ ଆଶାୟୀ ଥିଲେ। ଦଳ ତାଙ୍କୁ ଟିକେଟ ନ ଦେଇ ନିକଟରେ ବିଜେଡିରେ ସାମିଲ ହୋଇଥିବା ଭାଜପା ରାଜ୍ୟ ଉପସଭାପତି ରାଜକିଶୋର ଦାସଙ୍କୁ ଟିକେଟ ଦେଇଥିଲା। ଏହି ଘଟଣା କ୍ରମରେ ମୋରଡା ଆସନରେ ବିଧାୟକ ଥିବା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ବିଜେଡିର ପ୍ରାଥମିକ ସଦସ୍ୟ ପଦ ସମେତ ଜିଲା ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଦେବାଶିଷଙ୍କୁ କାର୍ଯ୍ୟକାରୀ ସଭାପତି ପଦବୀରୁ ପଦୋନ୍ନତି ଦିଆଯାଇ ସଭାପତି ଦାୟିତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଦଳ ଲାଗି ସେ ପ୍ରଚାର ଆରମ୍ଭ କରିଥିବାରୁ ଏହା କର୍ମୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ଦେବାଶିଷ ଭାଜପା ସହ ସମ୍ପର୍କ ରଖିବା ନେଇ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ହୋଇଥିବା ଚର୍ଚ୍ଚାକୁ ଦେବାଶିଷ ମଧ ଖଣ୍ଡନ କରିଛନ୍ତି।

## ଜିଲାର ୨୦୪ ବୁଥ୍ ଉତ୍ତେଜନା ପ୍ରବଣ

**ଭଦ୍ରକ ଅଫିସ,୧୨।୪:** ଜିଲାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନରୁ ସମୁଦାୟ ୧୨୯୨ଟି ପୋଲିଂ ଷ୍ଟେଶନ ମଧ୍ୟରେ ୨୦୪ଟି ଉତ୍ତେଜନା ପ୍ରବଣ ରହିଥିବାର ଜଣାପଡିଛି। ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଯାହା ଜଣାଯାଏ ୪୩- ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ କ୍ଷେତ୍ରରେ ୨୫୭, ୪୪-ଭଦ୍ରକରେ ୨୫୫, ୪୫- ବାସୁଦେବପୁରରେ ୨୬୬, ୪୬-ଧାମନଗର(ଏସ୍‌ସି)ରେ ୨୫୨ ଓ ୪୭- ଚାନ୍ଦବାଲିରେ ୨୬୨ଟି ହିସାବରେ ସମୁଦାୟ ୧୨୯୨ ପୋଲିଂ ଷ୍ଟେଶନ ପ୍ରତିଷ୍ଠା କରାଯାଇଛି। ଏଥିମଧ୍ୟରୁ ଭଣ୍ଡାରିପୋଖରୀରେ ୪୧, ଭଦ୍ରକରେ ୩୯, ବାସୁଦେବପୁରରେ ୪୨, ଧାମନଗରରେ ୪୦ ଓ ଚାନ୍ଦବାଲିରେ ୪୨ ପୋଲିଂ ଷ୍ଟେଶନ ଉତ୍ତେଜନା ପ୍ରବଣ ରହିଛି। ଫଳରେ ଏଗୁଡିକର ୱେବ୍ କାଷ୍ଟିଂ ବାବଦ ୨୦୦ ଟି ସ୍ଥାନକୁ ଚିହ୍ନଟ କରାଯାଇଥିବା ବେଳେ ୨୦ ଟି ସ୍ଥାନରେ ସିସିଟିଭି, ୨୦ ଟିରେ ମାଇକ୍ରୋ ଅବଜରଭର, ୧୪ଟିରେ ଭିଡିଓ ଗ୍ରାଫ୍ ଓ ୧୧ ଟିରେ ଷ୍ଟିଲ୍ କ୍ୟାମେରା ନିୟୋଜିତ କରାଯାଇଛି। ଏଗୁଡିକ ମଧ୍ୟରେ ଭଣ୍ଡାରିପୋଖରୀରେ ୩୪ ଟି ସ୍ଥାନରେ ୱେବ୍ କାଷ୍ଟିଂ, ୪ ଟିରେ ସିସିଟିଭି, ୫ ଟି ମାଇକ୍ରୋ ଅବଜରଭର, ୩ ଟିରେ ଭିଡିଓଗ୍ରାଫ୍ ଓ ୨ଟିରେ ଷ୍ଟିଲ୍ କ୍ୟାମେରାର ବନ୍ଦୋବସ୍ତ କରାଯାଉଥିବା ଜଣାପଡିଛି।

## ଏଥର ହେବ ଜୋର୍‌ଦାର୍ ଟକ୍କର

**ଆନନ୍ଦପୁର ନିର୍ବାଚନମଣ୍ଡଳୀ**

**ହାଟଡ଼ିହୀ, ୮।୪(ଡି.ଏନ.ଏ.):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ହାଟଡିହୀ ବ୍ଲକ ବହୁ ଗୁରୁତ୍ୱବହନ କରୁଛି। ଏଥର ଏହି ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଭୋଟର କହୁଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଜୟଦେବ ଜେନା ୪ଥର ବିଧାୟକ ହୋଇଛନ୍ତି। ୨୦୧୯ ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିବାକୁ ଯାଉଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସମର୍ଥକ ଅଧିକ ରହିଛନ୍ତି। ଉକ୍ତ ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକ, ଆନନ୍ଦପୁର ବ୍ଲକ ଓ ମ୍ୟୁନିସପାଲଟିକୁ ନେଇ ଗଠିତ। ଜୟଦେବ ବିଧାୟକ ପଦ ହାତେଇବା ପାଇଁ ଅଭିନବ ଉପାୟ ଆପଣାଇଛନ୍ତି। ଜୟଦେବଙ୍କ ଘର ହାଟଡିହୀ ବ୍ଲକ ମରେଇଗାଁ ପଞ୍ଚାୟତରେ। ସେ ୧୯୭୮ରୁ ରାଜନୀତି ଆରମ୍ଭ କରିଥିଲେ। ୧୯୮୦ରେ ପ୍ରଥମେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପାଇଁ ନିଜର କୌଶଳ ଆରମ୍ଭ କରି ରାଜନୀତି ଅଙ୍କକଷା ଆରମ୍ଭ କରିଛନ୍ତି। ଅନ୍ୟ ଦଳର ଥିବା ଗୋଷ୍ଠୀ କନ୍ଦଳର କର୍ମୀଙ୍କୁ ନିଜ ସପକ୍ଷକୁ ନେବା ପାଇଁ ସେ ମାଷ୍ଟର ପ୍ଲାନ କରିଥିବା କୁହାଯାଉଛି। ଲଗାତାର ଦୁଇଥର ବିଜେଡ଼ି ସପକ୍ଷରେ ଭୋଟ ଯାଇଥିବା ବେଳେ ଏଥର କଂଗ୍ରେସ ଦଖଲ କରିବ ବୋଲି ଭୋଟର କହୁଛନ୍ତି।




## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

**ବଡ଼ବିଲ, ୧୨।୪(ସ୍ୱ.ପ୍ର.):** ବଡ଼ବିଲ ଥାନା ଅନ୍ତର୍ଗତ ରାଜ୍ୟ ସୀମାନ୍ତ ନାଲଦାସ୍ଥିତ ଏକ ଗ୍ୟାରେଜ ନିକଟରୁ ଗୁରୁବାର ଏକ ବାଇକ ଚୋରି ହୋଇଥିଲା। ଉକ୍ତ ବାଇକକୁ ପୋଲିସ ଜବତ କରିବା ସହ ଝାଡଖଣ୍ଡ ଜଗନ୍ନାଥପୁର ଅଞ୍ଚଳର ଏମଡି ଇରଫାନଙ୍କୁ ଗିରଫ କରିଛି। ବଡବିଲ ଥାନା ଅନ୍ତର୍ଗତ ହିସାବୁରୁ ଅଞ୍ଚଳରେ ରହୁଥିବା ପାକିଆନ ସୋରେନ ନାମକ ବ୍ୟକ୍ତି ଗୁରୁବାର କୌଣସି ଏକ କାମରେ ନାଲଦାକୁ ଯାଇଥିଲେ। ସେଠାରେ ଥିବା ଏକ ଗ୍ୟାରେଜରେ ବାଇକକୁ ଛିଡା କରିଥିଲା ବେଳେ ଚୋରି ହୋଇଯାଇଥିଲା। ଏ ନେଇ ସୋରେନ ବଡବିଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଥାନାରେ ଏକ ମାମଲା (ନଂ. ୯୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର କୌଣସି ସୂତ୍ରରୁ ଖବର ପାଇ ଝାଡଖଣ୍ଡ ପୋଲିସ ସହାୟତାରେ ବଡଜାମଦା ଅଞ୍ଚଳରେ ଚଢାଉ କରାଯାଇଥିଲା। ଚୋରି ବାଇକ୍ ସହ ଯୁବକଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ କହିଛନ୍ତି।

### ଚୋରି ଲାପଟପ ଜବତ, ଜଣେ ଗିରଫ



**ବଡ଼ବିଲ, ୧୨।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ସଲେ କ୍ୱାର୍ଟର୍ସରୁ ଗତ ବୁଧବାର ଚୋରି ହୋଇଥିବା ଲାପଟପକୁ ପୋଲିସ ଜବତ କରିଛି। ଏହି ଘଟଣାରେ ଶୁକ୍ରବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ବଲାଣୀ ଅଞ୍ଚଳର ଅଭିମନ୍ୟୁ ବିରୂଆ। ଗତ ବୁଧବାର ମେରୀ ମାକ୍ସିମୋ ସୋରେଙ୍ଗ ନାମକ ସେଲ କର୍ମଚାରୀ କମ୍ପାନୀ କ୍ୱାର୍ଟର୍ସରେ ଅନୁପସ୍ଥିତ ଥିଲା ବେଳେ ଝରକା ପଟୁ ଲାପଟପ ଚୋରି ହୋଇଯାଇଥିଲା। ଏ ନେଇ ମେରୀ ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତିକରି ପୋଲିସ ଗୁରୁବାର ଏକ ମାମଲା (ନଂ. ୨୮/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଖୁଣ୍ଟାପଡ଼ାରେ ଗୀତାଯଜ୍ଞ

**ଢେଙ୍କିକୋଟ, ୧୨।୪(ଡି.ଏନ.ଏ.):** ଘଟଗାଁ ବ୍ଲକ ପଇଦା ପାଟଣା ଗ୍ରାମ ପଞ୍ଚାୟତ ଖୁଣ୍ଟା ଗ୍ରାମରେ ଶ୍ରୀଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀ ଭଗବତ ପ୍ରେମୀ ଆନୁକୂଲ୍ୟରେ ଶୁକ୍ରବାର ଗୀତାଯଜ୍ଞ ପାଠ ଆରମ୍ଭ ହୋଇଯାଇଛି। ସକାଳ ୭ଟାରେ ଭଗବତପ୍ରେମୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ପରେ ସୂର୍ଯ୍ୟପୂଜା, ଗୋମାତା ପୂଜା, କରାଯାଇ ଶ୍ରୀଗୀତାଯଜ୍ଞ ଆରମ୍ଭ କରାଯାଇଛି। ଯଜ୍ଞରେ ଗ୍ରାମର ବସନ୍ତ କୁମାର ନାୟକ କର୍ତ୍ତା ଭାବେ ସଂକଳ୍ପରେ ବସିଛନ୍ତି।
ଏହି ଗୀତାଯଜ୍ଞକୁ ପୂଜକ ବଳଭଦ୍ର ଦାସ ଏବଂ ଗୌରୀଶଙ୍କର ପଣ୍ଡା ପୂଜାପାଠ କରୁଛନ୍ତି। ଭାଗବତ ଟୁଙ୍ଗୀର ପୁରୁଧା ଜୟଦେବ ପଣ୍ଡା ଗୀତାପାଠ କରିଛନ୍ତି।
ଏହି ଗୀତାଯଜ୍ଞ ଓ ପାଠ ଦେଖିବା ପାଇଁ ଖୁଣ୍ଟା ପଣ୍ଡା ସହ ଢେଙ୍କିକୋଟ ସାନ୍ତରାପୁର ନୁଶୁରୀପଶି ପଇଦାପାଟଣା, ହଳଧରପୁର ଛତିଆ, ରଘୁବେଡ଼ା, ସୁନାରିପଶି ପ୍ରମୁଖ ଗ୍ରାମର ଭାଗବତ ଗୀତାପ୍ରେମୀଙ୍କ ଭିଡ଼ ଜମିବାରେ ଲାଗିଛି। ଏହା ଆଠଦିନ ଧରି ଚାଲିବ ବୋଲି ପୁରୋଧା ଜୟଦେବ ପ୍ରକାଶ କରିଛନ୍ତି। ଏହି ଯଜ୍ଞକୁ ଗ୍ରାମବାସୀ ସାହାଯ୍ୟ ସହଯୋଗ କରୁଛନ୍ତି।

# ନାମଲେଖାରୁ ବଞ୍ଚିତ ୧୨ ଛାତ୍ରୀ

**ପ୍ରବେଶିକା ପରୀକ୍ଷାରେ ଅନିୟମିତତା**

**ଯୋଡ଼ା, ୧୨।୪(ଡି.ଏନ.ଏ.)**


ନାମଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରୀ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାସୁଦେବପୁର ସରକାରୀ କନ୍ୟାଶ୍ରମରେ ଚତୁର୍ଥ ଶ୍ରେଣୀରେ ନାମଲେଖା ପ୍ରବେଶିକା ପରୀକ୍ଷାରେ ଅନିୟମିତତା ହୋଇଛି। ସ୍ଥାନୀୟ ଅଞ୍ଚଳର ୧୨ ଛାତ୍ରୀ ନାମଲେଖାରୁ ବଞ୍ଚିତ ହୋଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବାସୁଦେବପୁର, କଣ୍ଡରା, ଗୋବିନ୍ଦପୁର ଆଂଶିକବୁଡି ଗ୍ରାମର ଅଭିଭାବକ ରମେଶ ତିୟୁ, ନବ ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ସୁକୁଲାଲ ମୁଣ୍ଡା, ତିରବନ ମୁଣ୍ଡା, ବାଙ୍ଗୋ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା, ବିକ୍ରମ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ବାସୁଦେବପୁର କନ୍ୟାଶ୍ରମରେ ରାମଚନ୍ଦ୍ରପୁର ଶିଶୁ କନ୍ୟାଶ୍ରମର ୨୨ ଛାତ୍ରୀଙ୍କୁ ବିନା ପ୍ରବେଶିକାରେ ନାମଲେଖା ଯାଇଛି। ଅନ୍ୟ ସିଟ ପାଇଁ ପ୍ରବେଶିକା ପରୀକ୍ଷା କରାଯାଇଥିଲା। ସେଥିରେ ସ୍ଥାନୀୟ ବାସୁଦେବପୁର ଉ.ପ୍ରା ବିଦ୍ୟାଳୟର ଜଣେ ହେଲେ ଛାତ୍ରୀ ନାମ ଲେଖା ପାଇଁ ସୁଯୋଗ ପାଇନାହାନ୍ତି। ବାସୁଦେବପୁର ସରକାରୀ କନ୍ୟାଶ୍ରମ ପକ୍ଷରୁ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରି ତଥା ଲାଞ୍ଚ ନେଇ ୩୫ ଛାତ୍ରୀଙ୍କୁ ନାମ ଲେଖା ଯାଇଥିବା ଅଭିଯୋଗ ହୋଇଛି। ପ୍ରବେଶିକା ପରୀକ୍ଷାରେ ବାହାର ଅଞ୍ଚଳର ଛାତ୍ରୀଙ୍କୁ ନାମ ଲେଖା ଯାଇଥିବା ବେଳେ ସ୍ଥାନୀୟ ବାସୁଦେବପୁର, କଣ୍ଡରା, ଆଂଶିକବୁଡି ଗ୍ରାମର ବିସ୍ଥାପିତ ଗରିବ, ଖଟିଖିଆ ଆଦିବାସୀ ପରିବାରର ଏହି ଛାତ୍ରୀ ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଅଭିଭାବକ ଲିଖିତ ଭାବେ ଚମ୍ପୁଆ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ନିର୍ବାଚନ ପରେ ଏହାର ସମାଧାନ କରାଯିବ ବୋଲି ଅଭିଭାବକମାନଙ୍କୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଉ.ପ୍ରା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମଙ୍ଗୁଲୁ ନାଏକ କହିଛନ୍ତି ଯେ, ଛାତ୍ରୀମାନେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେମାନଙ୍କୁ ନାମଲେଖାରୁ ବଞ୍ଚିତ କରାଯାଇଛି। ବାହାର ଅଞ୍ଚଳରୁ ଆସିଥିବା ଛାତ୍ରୀଙ୍କୁ ଏଥିରେ ସୁଯୋଗ ଦିଆଯାଇଛି। ବାସୁଦେବପୁର ଗ୍ରାମର ଛାତ୍ରୀଙ୍କୁ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରି ନାମ ଲେଖାରୁ ବଞ୍ଚିତ କରାଯାଇଛି। ଏ ନେଇ ଜିଲାପାଳଙ୍କ ନିର୍ଦ୍ଦେଶକୁ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ସାମନ୍ତରାୟଙ୍କୁ ପଚାରିବାରୁ ଉକ୍ତ ଛାତ୍ରୀମାନଙ୍କ ଅଭିଭାବକ ଅଭିଯୋଗ କରିବାରୁ ବାସୁଦେବପୁର ସରକାରୀ କନ୍ୟାଶ୍ରମର ପ୍ରଧାନ ଶିକ୍ଷକଙ୍କୁ ଛାତ୍ରୀଙ୍କୁ ନାମ ଲେଖାଇବା କହିଥିଲି। ପ୍ରଧାନଶିକ୍ଷକ ହାରାଧନ ମହାନ୍ତ ନିର୍ଦ୍ଦେଶକୁ ମାନି ନ ଥିବା ସେ କହିଛନ୍ତି। ଖୁବ ଶୀଘ୍ର ରିମୁଲି, କାଳିକାପ୍ରସାଦ ଆଦି ବିଦ୍ୟାଳୟ ଗୁଡିକରେ ଉକ୍ତ ଛାତ୍ରୀମାନଙ୍କୁ ନାମ ଲେଖାଯିବ ବୋଲି ସେ କହିଛନ୍ତି।

## ସ୍କୁଲ ପରିସରରେ ଚାଲିଛି ଚିକିତ୍ସାଳୟ

**ହାଟଡିହୀ, ୧୨।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାବଳେଶର ପଞ୍ଚାୟତର ଡିମିରିଆ ପ୍ରାଥମିକ ସ୍କୁଲ ପରିସରରେ ଆଜକୁ ୨୫ ବର୍ଷ ହେବ ଭଙ୍ଗା ଘରେ ସରକାରଙ୍କ ହୋମିଓପାଥିକ ଚିକିତ୍ସାଳୟ ଚାଲିଛି। ଚିକିତ୍ସା କେନ୍ଦ୍ରଟି ୧୯୯୪ ଅକ୍ଟୋବର ୮ରୁ ଆରମ୍ଭ ହୋଇ ଆଜିଯାଏ ଭଙ୍ଗା ଘରେ ଚାଲିଛି। ୨୫ ବର୍ଷ ଭିତରେ ୪ ଜଣ ଡାକ୍ତର ଆସିଛନ୍ତି। ଅଦ୍ୟାବଧି କୌଣସି ପ୍ରକାର ସୁଧାର ଆସିନି। ଫାର୍ମାସିଷ୍ଟ କେହି ନାହାନ୍ତି ବୋଲି ତୁଷାର ରଞ୍ଜନ ସେଠୀ କହିଛନ୍ତି। ସନାତନ ପ୍ରଧାନ ନାମକ ବ୍ୟକ୍ତି ୧୯୯୪ରୁ ପିଅନ ପଦବୀ ସହ ରାତି ଜଗୁଆଳି କାର୍ଯ୍ୟ ତୁଲାଇ ଆସୁଛନ୍ତି। ସରକାରଙ୍କଠାରୁ ଅର୍ଥରାଶି ଅନୁମୋଦିତ ହେବା ପରେ ଡିମିରିଆ ଗାଁ ମୁଣ୍ଡରେ ୨୦୧୩ରୁ ପକ୍କାଘର ତୋଳାଯାଇ ଚିକିତ୍ସାକେନ୍ଦ୍ର ପାଇଁ ବ୍ୟବସ୍ଥା କରାଯାଇଛି। ସେଠାରେ ପାନୀୟଜଳ, ବିଦ୍ୟୁତ୍ ନ ଥିବାବେଳେ ପାଚେରି ମଧ୍ୟ ନାହିଁ। ତାହା କୌଣସି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଘର ଭଳି ମନେହେଉଛି। ଚିକିତ୍ସାକେନ୍ଦ୍ର ପାଇଁ ନୂତନ ଘର ନିର୍ମାଣ ହେବାଠାରୁ ତାହା ସଭାସମିତି କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ବ୍ୟବହାର ହେଉଥିବା ଗ୍ରାମର ସୂର୍ଯ୍ୟପ୍ରକାଶ ଜେନା, ଅଭିମନ୍ୟୁ ବସନ୍ତିଆ, ଅକ୍ଷୟ ରାଉତ, ଗୋବିନ୍ଦଚନ୍ଦ୍ର ବାରିକ, ରାମଚନ୍ଦ୍ର ମହାନ୍ତି, ଯୁଧିଷ୍ଠିର ପାତ୍ର, ଅମୂଲ୍ୟ ବେହେରା, ସୁଚିତ୍ରା ରାଉଳ ଓ ରୀନା ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜମିଜମା ବିବାଦକୁ ନେଇ ଥାନାରେ ଗ୍ରାମବାସୀ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବସୀ।

**ତେଲକୋଇ, ୧୨।୪(ଡି.ଏନ.ଏ.)**

ଜଗମୋହନପୁର ପଞ୍ଚାୟତ ଅଧୀନ ଟୁଙ୍ଗୁରୁବାହାଳ ଗ୍ରାମରେ ଜମିଜମା ବିବାଦକୁ ନେଇ ଗ୍ରାମବାସୀ ତେଲକୋଇ ଥାନାରେ ଅଭିଯୋଗ କରିଛନ୍ତି। ଜଣେ ଅସହାୟ ଆଦିବାସୀ ପରିବାରକୁ ନ୍ୟାୟ ଦେବାକୁ ଦାବି କରାଯାଇଛି। ଗ୍ରାମର ବିନୋଦଙ୍କ ବପାଙ୍କ ପରଲୋକ ହେବା ପରେ ତାଙ୍କର ୨ ଭଉଣୀ ଏବଂ ସେ ସମ୍ପତ୍ତିରୁ ବଞ୍ଚିତ ହୋଇଛନ୍ତି। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜମିକୁ କବ୍‌ଜା କରିଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଜଣେ ଅସହାୟ ପରିବାରକୁ ନ୍ୟାୟ ଦେବା ପାଇଁ ଗ୍ରାମ କମିଟିର ଉଦ୍ୟମ ଜାରି ରହିବ ବୋଲି ଗ୍ରାମର ସଭାପତି ବସନ୍ତ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, କାଳି ଚରଣ ଶବର, ସନାତନ ନାଏକ, ନିଶାକର ନାଏକ, ଲୋଚନ ଦେହୁରି ପ୍ରକାଶ କରିଛନ୍ତି।

## ବଡ଼ବିଲ ସବ୍‌ଜେଲରେ ଆଇନ ସଚେତନତା

**ବଡ଼ବିଲ, ୧୨।୪(ସ୍ୱ.ପ୍ର.)**


ଶିବିରରେ ଉପସ୍ଥିତ ବଡ଼ବିଲ ସବ୍‌ଜେଲର ଅନ୍ତେବାସୀ।

ବଡ଼ବିଲ ସବ୍‌ଜେଲରେ ଶୁକ୍ରବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଆଲୋକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ବରିଷ୍ଠ ଆଇନଜୀବୀ ବଳରାମ ମହାନ୍ତି ଯୋଗଦେଇ ଏଫ୍‌ଆଇଆର, ଗିରଫ, ଜାମିନ, ସମ୍ବିଧାନର ବିଚାରଧାରା ଆଦି ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଦେବପ୍ରିୟ ରଣା ତାଲୁକ ଆଇନ ସେବା ସମିତିର ଆଭିମୁଖ୍ୟ ଉପରେ ଉପସ୍ଥିତ କାରାଗାର ଅନ୍ତେବାସୀଙ୍କୁ ଅବଗତ କରାଇଥିଲେ। ସମିତି ଅଧ୍ୟକ୍ଷ ପଣ୍ଡା ସମ୍ବିଧାନରେ ଥିବା ପ୍ରତ୍ୟେକ ମନୁଷ୍ୟର ଅଧିକାର, ଧର୍ତ୍ତବ୍ୟ ଅପରାଧରେ ଗିରଫଦାରି ସମୟରେ ପୋଲିସର ଭୂମିକା, ଜାମିନ ପ୍ରଣାଳୀ, ବିଚାର ବ୍ୟବସ୍ଥା ଓ ତାଲୁକ ଆଇନ ସେବା ସମିତିର କାର୍ଯ୍ୟ ଉପରେ ବିଶଦ ଭାବରେ ଅନ୍ତେବାସୀଙ୍କୁ ସୂଚନା ଦେଇଥିଲେ। ସମିତିରେ ନବନିଯୁକ୍ତ ସଦସ୍ୟ ଭାବେ ଯୋଗଦେଇଥିବା ସାମାଜିକ କର୍ମୀ ପ୍ରତାପ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବଡ଼ବିଲ ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ବେହୁରା ସଚେତନତା ଶିବିରରେ ଯୋଗଦେଇଥିଲେ। ସମିତି କର୍ମଚାରୀ ମାନସ ନାଏକ ଶିବିର ପରିଚାଳନା କରିଥିଲେ।

## ସ୍ଥାୟୀ ଡାକ୍ତର ନାହାନ୍ତି

**ହାଟଡିହୀ, ୧୨।୪(ଡି.ଏନ.ଏ.)**

ହାଟଡିହୀ ସରକାରୀ ଡାକ୍ତରଖାନା ସମସ୍ୟାଘେରରେ ରହିଛି। ଦୀର୍ଘ ୧୦ ବର୍ଷ ହେଲା ଏଠାରେ ସ୍ଥାୟୀ ଡାକ୍ତର ନାହାନ୍ତି। ହାଟଡିହୀ ବିକାଶ ମଞ୍ଚର ଆନ୍ଦୋଳନ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ଅନ୍ନଦା ଜେନାଙ୍କୁ ଡିଏମ୍‌ଏଫ୍ ତରଫରୁ ନିଯୁକ୍ତି ଦିଆଯାଇଥିଲା। ୧୫ ଦିନ ପରେ ସେ ଅନୁଗୋଳ ପଳାଇଲେ। ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଡାକ୍ତରଖାନା ଚାଲୁଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟରେ ଲୋକେ ଅତିଷ୍ଠ ହୋଇପଡିଲେଣି। ଫାର୍ମାସିଷ୍ଟ ଜଣଙ୍କ ମନଇଚ୍ଛା କାମ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ସେ ଏକ ହଜାରରୁ ଅଧିକ ଟଙ୍କାର ଔଷଧ ଲେଖୁଛନ୍ତି। ସରକାରୀ ଔଷଧ ମିଳୁ ନ ଥିବାରୁ ରୋଗୀ ଚଢ଼ା ଦରରେ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି। ସାଧାରଣ ରୋଗ ପାଇଁ ରୋଗୀଙ୍କୁ ବିଭିନ୍ନ ଟେଷ୍ଟ ଆଳରେ ପାଥୋଲୋଜିକୁ ପଠାଯାଉଛି। ସେଠାରେ ରୋଗୀ ମାନସିକ ନିର୍ଯାତନା ଓ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରୋଗୀ କଲ୍ୟାଣ ସମିତି ବୈଠକ ଡକାଯାଉନାହିଁ। ଡାକ୍ତରଖାନା ପରିସର ସଫା କରାଯାଉନି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ନୂତନ ଡାକ୍ତର ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଲ୍ୟବିବାହ ନିରାକରଣ, ଶିଶୁ ଅଧିକାର ସଚେତନତା

**ଆନନ୍ଦପୁର/ହାଟଡିହୀ, ୧୨।୪ (ସ୍ୱ.ପ୍ର./ଡି.ଏନ.ଏ.)**

ଆନନ୍ଦପୁର ଚାଇଲ୍ଡ ଲାଇନ୍ ପକ୍ଷରୁ ହାଟଡିହୀ ବ୍ଲକର ସରାଦେଇ ବାଳିକା ଉଚ୍ଚ ବିଦ୍ୟାଳୟ, ସଢ଼ା, ଜମ୍ବିରାରେ ବାଲ୍ୟବିବାହ ନିରାକରଣ ଓ ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଦେଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଳିକାମାନେ ଶିକ୍ଷାଲାଭ କରି ସ୍ୱାବଲମ୍ବୀ ହେବା ସହ ସୁରକ୍ଷା ପ୍ରତି ପ୍ରଯତ୍ନ ହେଲେ ଶିଶୁ ଓ କିଶୋରୀ ସୁରକ୍ଷିତ ରହିପାରିବେ ବୋଲି ମତ ପ୍ରକାଶ ପାଇଥିଲା।
ଚାଇଲ୍ଡ ଲାଇନ୍ ସଂଯୋଜକ ନରେନ୍ଦ୍ର ପରିଡା ଚାଇଲ୍ଡ ଲାଇନର ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଭାଗୀରଥି ଦାଶ ବାଲ୍ୟବିବାହ କାରଣ ଓ ନିରାକରଣ ତଥା ଆଇନଗତ ଦଣ୍ଡବ୍ୟବସ୍ଥା, ଶିଶୁ ନିର୍ଯାତନା ରୋକିବାରେ ସହାୟତା ପ୍ରଦାନ ଦିଗରେ ଆଲୋଚନା ରଖିଥିଲେ। ସଦସ୍ୟ ଆନନ୍ଦ ସାହୁ, ହିମାଂଶୁ କୁମାର ରାମ, ସସ୍ମିତା ମହାନ୍ତି ସହଯୋଗ କରିଥିଲେ। ଶିକ୍ଷକ ବିଷ୍ଣୁ ଚରଣ ରାଉତ, ଶିକ୍ଷୟିତ୍ରୀ ମିନତି ଭୂୟାଁ, ବୀଣାପାଣି ପଣ୍ଡା, ସୌଦାମିନୀ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ନିଜ ସୁରକ୍ଷା ନିଜ ହାତରେ ବୋଲି ପରାମର୍ଶ ଦେଇଥିଲେ।

## ଭଦ୍ରାସାହି ଶିଶୁ ମନ୍ଦିର ବାର୍ଷିକୋତ୍ସବ

**ବଡ଼ବିଲ, ୧୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭଦ୍ରାସାହି ପଞ୍ଚାୟତସ୍ଥିତ ଶିଶୁ ମନ୍ଦିରର ଏକବିଂଶତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ସଭାରେ ବିଭିନ୍ନ ଘରୋଇ କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ଭଦ୍ରାସାହି ସରପଞ୍ଚ କସ୍ତୁରୀ ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର ଉପାଧ୍ୟକ୍ଷ ଜଗବନ୍ଧୁ ମହାନ୍ତ ଯୋଗଦେଇ ଭାରତୀୟକୁ ନେଇ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ। ସଭାପରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସହାୟତା ଅପେକ୍ଷାରେ ଅଟଳ

**ରାଇସୁଆଁ, ୧୨।୪(ଡି.ଏନ.ଏ.)**


ଅଟଳ ପ୍ରଧାନ।

ଗରିବ ଅସହାୟ, ଦିବ୍ୟାଙ୍ଗଙ୍କ ଥଇଥାନ ପାଇଁ ସରକାରଙ୍କ ବହୁ ଯୋଜନା ରହିଛି। ସେହି ଜନକଲ୍ୟାଣ ଯୋଜନା ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। ଏପରି ଘଟଣା କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ରାଇଗଡ଼ା ପଞ୍ଚାୟତ ବିରିନ୍ଦା ଗ୍ରାମର ଦିବ୍ୟାଙ୍ଗ ଅଟଳ ପ୍ରଧାନ(୬୪)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଅଟଳ ଆଗରୁ କାମଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ୧୯ ବର୍ଷ ହେଲା ସେ ଅସୁସ୍ଥ ହୋଇପଡିଛନ୍ତି। ଫଳରେ ତାଙ୍କ ଶରୀର ଅଚଳ ହୋଇପଡିଛି। ପରିବାର ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚକରି କରି ନୟାନ୍ତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ଆସିନି। ବାର୍ଦ୍ଧକ୍ୟ ଭତ୍ତା ଏବଂ ଇନ୍ଦିରା ଆବାସ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡ଼ି କୌଣସି ସହାୟତା ମିଳି ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ରାଧାକାନ୍ତ ଦେହୁରିଙ୍କୁ ପଚାରିବାରୁ ଆବେଦନ ଫର୍ମ ବ୍ଲକ କାର୍ଯ୍ୟାଳୟରେ ଦେଇଛୁ। ତାଙ୍କୁ ସହାୟତା ମିଳିପାରିନି ବୋଲି ସେ କହିଛନ୍ତି। ଅଟଳଙ୍କୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଚୁଆ ପାଣି ଏବେ ସାହାଭରସା

**ତେଲକୋଇ, ୧୨।୪(ଡି.ଏନ.ଏ.)**


ରଙ୍ଗମାଟିଆ ମୁଣ୍ଡାସାହି ଲୋକେ ଚୁଆରୁ ପାଣି ଆଣୁଛନ୍ତି।

ଗ୍ରୀଷ୍ମପ୍ରବାହ ବୃଦ୍ଧି ସାଙ୍ଗକୁ ପାନୀୟଜଳ ସମସ୍ୟା କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଦେଖିବାକୁ ମିଳିଛି। ନଳକୂପ ଅଚଳ ହୋଇପଡ଼ିଛି। ପାନୀୟଜଳ ପାଇଁ ଝରଣା, ଚୁଆ ଉପରେ ନିର୍ଭର କରିବାକୁ ପଡୁଛି। ଚୁଆ ଖୋଳି ଲୋକେ ପାନୀୟଜଳ ସଂଗ୍ରହ କରୁଛନ୍ତି। ଏ ନେଇ ଚର୍ମ, ପେଟ ରୋଗ ସାଙ୍ଗକୁ କିଡ୍‌ନୀ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏହି ବ୍ଲକ ଅଧୀନ କାଳିଆହତା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ମୁଣ୍ଡାସାହିର ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ବସ୍ତିର ୩୦ ପରିବାରରେ ଶହେରୁ ଊର୍ଦ୍ଧ୍ୱ ଲୋକ ବର୍ଷ ତମାମ ଝରଣା ପାଣି ଉପରେ ନିର୍ଭର କରିଥାନ୍ତି। ଗ୍ରାମରେ ନଳକୂପ ନ ଥିବାରୁ ୱାର୍ଡମେମ୍ବର ସୁଲୋଚନା ମାରାଣ୍ଡି ବାରମ୍ବାର ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରି ବିଫଳ ହୋଇଥିବା ପ୍ରକାଶ କରିଛନ୍ତି।
ପାନୀୟଜଳ ସମସ୍ୟା ନେଇ ବ୍ଲକ ମୁଖ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ବେଳେ ଗ୍ରାମର ଦମନ ଝୁଡ୍ଡୁ, ଖୁଦିଆ ଝୁଡ୍ଡୁ, ମହେଶ୍ୱର ଝୁଡ୍ଡୁ, ହୁଲି ହେମ୍ବ୍ରମ, କୁନି ହେମ୍ବ୍ରମ, ପାନୀ ହେମ୍ବ୍ରମ ପ୍ରମୁଖ ବସ୍ତିବାସୀ ଅଭିଯୋଗ କରିଥିଲେ। ତୁରନ୍ତ ପାନୀୟଜଳ ଯୋଗାଣ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଣିରେ ଗାର ପରି ହୋଇଛି। ଗ୍ରାମ ନିକଟ ପାଲଦା ଝରଣା ଉପରେ ଲୋକେ ଭରସା କରିଛନ୍ତି। ସେଠାରେ ଗାଧୋଇବା ସହ ଜଳକୁ ପାନୀୟ ଭାବେ ଲୋକେ ବ୍ୟବହାର କରୁଛନ୍ତି। ସ୍ଥାନୀୟ ସରପଞ୍ଚ କହିଛନ୍ତି ଯେ, ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଉଛି। ପୂରଣ ହେଉନି। ଆମେ ଆଦିବାସୀ ଲୋକ ବୋଲି ଅଭିଯୋଗ କଲେ କିଛି ମୂଲ୍ୟ ରହେ ନାହିଁ ବୋଲି ସେ କହିଛନ୍ତି।

**ରଙ୍ଗମାଟିଆ ମୁଣ୍ଡାସାହି**
- ରୋଗରେ ପଡୁଛନ୍ତି ଲୋକେ
- ଖାଲି ମିଳୁଛି ପ୍ରତିଶ୍ରୁତି
- ଜଳ ପାଇଁ ହଇରାଣ